# ୧୪ ଶହ ଲିଟର ଦେଶୀମଦ ଜବତ

ପାତ୍ରପୁର,୧୦।୧(ସମିସ)

ଜରଡ଼ା ଥାନା ଅନ୍ତର୍ଗତ ମଶାଣିବାଡ, ତାଡକାସାହି, ହରିପୁର, ଠଣଗାଁ ପ୍ରମୁଖ ପାତ୍ରପୁର ଅତିରିକ୍ତ ତସିଲଦାର ଦିଲ୍ଲୀପ କୁମାର ଦେହୁରୀଙ୍କ ଉପସ୍ଥିତିରେ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନ ଓ ଚିକିଟି ଏସଡିପିଓ ବିଶ୍ୱମିତ୍ର ହର୍ପାଲଙ୍କ ବିଶ୍ୱମ୍ବର ବିଶ୍ୱାଳ, ବ୍ରହ୍ମପୁର ଅବକାରୀ ଥାନା-୨ ଉପ - ନିରୀକ୍ଷିକା ସଂଗୀତା ମହାପାତ୍ର, ଗୋପାଳପୁର ଅବକାରୀ ଥାନା



ଗ୍ରାମର ପାହାଡିଆ ଜଙ୍ଗଲ ଅଞ୍ଚଳ ଓ ନାଳ ନିକଟରେ ଅବାକାରୀ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଭାଟି ଗୁଡିକୁ ନଷ୍ଟ କରିବା ସହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପ୍ରାୟ ୨୭୦୦୦ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ପ୍ରାୟ ୧୪୦୦ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ ନଷ୍ଟ କରାଯାଇଥିବା ଜଣାପଡିଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ତତ୍ତ୍ୱାବଧାନରେ ଚଢ଼ଉ କରାଯାଇଥିଲା।

ଚଢ଼ଉରେ ଚିକିଟି ଅବକାରୀ ଉପ-ଅଧିକ୍ଷକ କୁମୁଦ ରଞ୍ଜନ କୁଅଁର, ଜରଡା ଥାନା ଅଧିକାରୀ ଟୁନା ସାସମଲ୍‌, ବ୍ରହ୍ମପୁର ସଦର ରେଞ୍ଜ ଅବକାରୀ ନିରୀକ୍ଷକ ଅର୍ଜୁନ କୁମାର ମଲ୍ଲିକ, ବ୍ରହ୍ମପୁର ଡିଏସଏଫ୍ ଅବକାରୀ ନିରୀକ୍ଷିକା ମନୀଷା ଭୋଳ, ଚିକିଟି ଅବକାରୀ ଥାନା ଉପ - ନିରୀକ୍ଷକ ସଞ୍ଜୟ କୁମାର ଭୁକ୍ତା, ଗୋଳନ୍ଥରା ଅବକାରୀ ଥାନା ଉପ - ନିରୀକ୍ଷକ ଉପ - ନିରୀକ୍ଷିକା ସସ୍ମିତା ମଲ୍ଲିକଙ୍କ ସହ ଏପିଆର ବାହିନୀ, ଅବକାରୀ କର୍ମଚାରି ଓ ପୁଲିସ୍ କର୍ମଚାରି ମାନେ ସାମିଲ ଥିଲେ। ଉପାନ୍ତ ଅଞ୍ଚଳରେ ବାରମ୍ବାର ଅବକାରୀ ଚଢ଼ଉ କରାଯାଉଥିବାବେଳେ ଚୋରା ମଦ କାରବାର ଉପରେ ରୋକ ଲାଗିବ କି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ୯ ୯୦ ଲିଟର ମଦ ଜବତ; ୯ ଗିରଫ

ଭଞ୍ଜନଗର,୧୦।୧(ସମିସ)

ଭଂଜନଗର ଅବକାରୀ ବିଭାଗ ସ୍ପେସାଲ୍ ଡ୍ରାଇଭ୍। ବେଆଇନ୍ ମଦ ଓ ଗଞ୍ଜେଇ କାରବାର ଉପରେ ଶୁକ୍ରବାର ଜୋରଦାର ଚଢାଉ। ବେଆଇନ୍ ମଦ ପ୍ରସ୍ତୁତ ବେଳେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି.ନୂଆଗାଁ ନିକଟରେ ବଡ଼ଧରଣର ଚଢ଼ାଉ କରି ବିପୁଳ ମଦ ଜବତ କରିଛି ଅବକାରୀ ପୁଲିସ। ପୂର୍ବ ସୂଚନା ମୁତାବକ ଭଂଜନଗର, ବୁଗୁଡ଼ା ଓ ବ୍ରହ୍ମପୁର ଅବକାରୀ ବିଭାଗର ମିଳିତ ସହଯୋଗରେ ଏହି ଚଢାଉ କରାଯାଇଥିଲା। ଏଥିରେ ବନ କର୍ମଚାରୀ ମାନେ ମଧ୍ୟ ସହଯୋଗ କରିଥିଲେ। ଏହି ଚଢାଉ ସମୟରେ ୯୧୦ ଲିଟର ବେଆଇନ୍ ଦେଶୀ ମଦ ସମେତ ମଦ ରନ୍ଧା ସାମଗ୍ରୀ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଏଥିରେ ସଂପୃକ୍ତ ୮ ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ୫ ଜଣ ମହିଳା ରହିଥିବା ଜଣାପଡିଛି। ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଥାନାଧିକାରୀ ଅଲିଭା ମାଝୀ ଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଡମ୍ବରୁଧର ହରିଜନ, ଗୁଇନ୍ଦା ନୀରିକ୍ଷକ ନାରାୟଣ ଜେନା, ଏସଆଇ ଅଜିତ୍ ନାୟକ ସମେତ ବନବିଭାଗ କର୍ମଚାରୀ ମାନେ ମଧ୍ୟ ସାମିଲ ହୋଇଥିଲେ। ସେହିପରି ଅବକାରୀ ପୁଲିସ ସାନକୋଦଣ୍ଡା - ବିଞ୍ଝଗିରି ରାସ୍ତା ରୁ ୮୦ ଲିଟର ବେଆଇନ ମଦ ଚାଲଣ ବେଳେ ଜଣେ ଯୁବକକୁ ବାଇକ୍ ସହ ଧରି ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଅଲିଭା ମାଝୀ ସୂଚନା ଦେଇଛନ୍ତି।



## ପ୍ରବାସୀ ଭାରତୀୟ ଦିବସ



ଧରାକୋଟ, ୧୦।୧ (ସମିସ): ଧରାକୋଟ ସ୍ଥିତ ସରକାରୀ ସ୍ୱାତକ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ପାଳନ ହୋଇଯାଇଛି। ଅଧକ୍ଷ ଡ ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଏସବିଆଇ ଶାଖା ପରିଚାଳକ ଗୌତମ ରାଉତ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପରିବେଶ ବିଜ୍ଞାନ ବିଭାଗର ଅତିଥି ଅଧ୍ୟାପିକା ଶୈଳଜା ସଂଘମିତ୍ରା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଆରତୀ ପ୍ରଧାନ, କେ ଲିମା ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସମେତ କର୍ମଚାରୀ ଅଶୋକ କୁମାର ଗୌଡ଼, ରାକେଶ ସ୍ୱାଇଁ ଓ ପ୍ରଭାସିନୀ ନାହାକ ସହଯୋଗ କରିଥିଲେ।

## ସଂଯୁକ୍ତା କିଷାନ ମୋର୍ଚ୍ଚାର ଦାବିପତ୍ର

ଛତ୍ରପୁର,୧୦।୧(ସମିସ): ଚାଷୀ ମାନଙ୍କ ଜ୍ୱଳନ୍ତ ସମସ୍ୟାର ସମାଧାନ କରିବା ସମେତ ୬ଦଫା ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ଋଷିକୂଲ୍ୟା ରୟତ ମହାସଭା ର ସମ୍ପାଦକ ସିମାଞ୍ଚଳ ନାହାକ, ମିନି ମହାପାତ୍ରଙ୍କ ସମେତ ବହୁ ଚାଷୀ ସଂଗଠନର ନେତା ଏବଂ ଚାଷୀ ଉପସ୍ଥିତ ଥିଲେ।

## ହୁମ୍ମାରେ ଆତ୍ମ ସୁରକ୍ଷା ତାଲିମ ଶିବିର



ଗଞ୍ଜାମ,୧୦।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ସଲ୍ଟ ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅଧକ୍ଷ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀମତି ପାଣିଗ୍ରାହୀ ଝିଅ ମାନେ ଆତ୍ମ ସୁରକ୍ଷା କୌଶଳ ଶିଖିବା ସହ ସ୍ୱାସ୍ଥ୍ୟବାନ ଓ ଆତ୍ମବିଶ୍ୱାସୀ ହେବା ଉଚିତ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜିକା ବନିତା କୁମାରୀ ଶତପଥୀ ସଂଯୋଜନା କରିଥିଲେ ଓ ଅଧ୍ୟାପକ ଗୌରହରି ବେହେରା, ଭରତ ନାହାକ, ସୁଧୀରକାନ୍ତ ପାଢ଼ୀ, ଅଧ୍ୟାପିକା ଶର୍ମିଷ୍ଠା ସାମନ୍ତରାୟ ଓ ବାବୁନି ନାୟକ, ସ୍ୱାଗତିକା ମହାନ୍ତି, ଜଗଦୀଶ ବିଶ୍ୱାଳ, ମୋହନ ସୁନ୍ଦର ପଣ୍ଡା, ବିନାୟକ ସାହୁ, ବିଜୟ ସାହୁ ସହଯୋଗ କରିଥିଲେ ଓ ପ୍ରଶିକ୍ଷାକା ରୀତା ଦାସଙ୍କ ପ୍ରଶିକ୍ଷଣରେ ଏହି ତାଲିମ ୮ ଦିନ ଧରି ଚାଲିବ ବୋଲି ମହାବିଦ୍ୟାଳୟ ଅଧକ୍ଷ ସୂଚନା କହିଛନ୍ତି।

## ବଡ଼ଗଡ଼ରେ ଧାନମଣ୍ଡି ଉଦ୍‌ଘାଟିତ



ସୋରଡ଼ା,୧୦।୧(ସମିସ): ସୋରଡ଼ା ବ୍ଲକ ବଡ଼ଗଡ଼ରେ ଧାନମଣ୍ଡି ଉଦଘାଟନ କରାଯାଇଛି। ବଡ଼ଗଡ଼ ବିଜେପି ମଣ୍ଡଳ ସଭାପତି ରାଧାମୋହନ ସ୍ୱାଇଁଙ୍କ କରକମଳରେ ଧାନମଣ୍ଡି ଉଦଘାଟନ କରାଯାଇଛି। ଏହି ଉତ୍ସବରେ ରାଧାମୋହନଙ୍କ ସହ ବଡଗଡ଼ ସାଧାରଣ ସମ୍ପାଦକ ପ୍ରଭାକର ମହାରଣା ଓ ଡାଇରେକ୍ଟର ମାନଙ୍କ ସହ ଆଖପାଖ ପଞ୍ଚାୟତର ଅନେକ ଚାଷୀ ଉପସ୍ଥିତ ରହିଥିଲେ। ଏହି ସେବା ସମବାୟ କେନ୍ଦ୍ର ଦ୍ୱାରା ୨୦୦ରୁ ଊଠରେ ଚାଷୀ ୭୦୦୦କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ରଖାଯାଇଛି। ଧାନମଣ୍ଡି ଉଦଘାଟନ ହେବାପରେ ଚାଷୀ ଖୁସିବ୍ୟକ୍ତ କରିଛନ୍ତି।

## ଚକରା ବିଷୋୟୀଙ୍କ ଜୟନ୍ତୀ

ଭଞ୍ଜନଗର,୧୦।୧(ସମିସ): ରାଧାକୃଷ୍ଣ ପାଠାଗାର ବାଉଁଶଲୁଣ୍ଡି ଭଞ୍ଜନଗର ତରଫରୁ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଷୋୟୀଙ୍କ ୨୦୨ତମ ଜୟନ୍ତୀ ପାଳନ କରାଯାଇଛି। ପାଠାଗାରର ସଭାପତି ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ "ଘୁମୁସର ବିଦ୍ରୋହ' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଚକରା ବିଷୋୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ଓ ଅନୁଷ୍ଠାନର ସଂପାଦକ ଭଞ୍ଜକିଶୋର ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାୟକ ମୁଖ୍ୟ ଅତିଥି, ବନମାଳୀ ଲେଙ୍କା ସମ୍ମାନୀତ ଅତିଥି ଓ କବି ପ୍ରଶାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବେ ମଞ୍ଚାସୀନ



ରହିଥିଲେ। ମୁଖ୍ୟବକ୍ତା ମହାନ୍ତି ଦୋହରା ବିଷୋୟୀ ଓ ଚକରା ବିଷୋୟୀ ବିଦେଶୀ ଶକ୍ତି ବିରୋଧରେ ଚଳାଇଥିବା ସଶସ୍ତ୍ର ବିଦ୍ରୋହ ସମ୍ପର୍କିତ ଆଲୋଚନା କରି କହିଥିଲେ ଯେ ଘୁମୁସର ବିଦ୍ରୋହର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଦେଶୀ ଶକ୍ତି ଦ୍ୱାରା ଗାଦିଚ୍ୟୁତ ଭଞ୍ଜବଂଶର ପୁନଃ ପ୍ରତିଷ୍ଠା, ନାରୀ ସମ୍ମାନ ସୁରକ୍ଷା ଓ ଧର୍ମୀୟ ପରମ୍ପରା ଉପରେ ଆକ୍ରମଣର ପ୍ରତିଶୋଧ। ଏହି ପ୍ରତିରୋଧାତ୍ମକ ଘୁମୁସର ବିଦ୍ରୋହ କୃଷ୍ଣ ଭଞ୍ଜ, ଦୋହରା ବିଷୋୟୀ ଓ ଚକରା ବିଷୋୟୀଙ୍କ ଦ୍ୱାରା ତିନୋଟି ପର୍ଯ୍ୟାୟରେ ହୋଇଥିଲା। ମୁଖ୍ୟ ଅତିଥି ଲକ୍ଷ୍ମୀ ନାୟକ ଓ ସମ୍ମାନିତ ଅତିଥି ବନମାଳୀ ଲେଙ୍କା ନିଜ ବକ୍ତବ୍ୟରେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଏବେବି ଚକରା ବିଷୋୟୀଙ୍କ ବ୍ୟବହୃତ ଖଣ୍ଡା, ଧନୁଶର ଇତ୍ୟାଦି ବିଭିନ୍ନ ମନ୍ଦିରରେ ପୂଜା କରି ତାଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଆଇନଜୀବୀ ଅଭିମନ୍ୟୁ ଗୌଡ଼, ଶିକ୍ଷକ ଭଞ୍ଜ କିଶୋର ପ୍ରଧାନ, ଅଶୋକ ମହାପାତ୍ର, କୂର୍ମିକ୍ଷତ୍ରିୟ ସଂସ୍ଥା ଜିଲୁଣ୍ଡି ଅଞ୍ଚଳର ସମ୍ପାଦକ ବୈଦ୍ୟନାଥ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦ୍ମଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି କୃଷ୍ଣଭଞ୍ଜ, ଦୋହରା ବିଷୋୟୀ, ଚକରା ବିଷୋୟୀ, କଳାହାଣ୍ଡିର ରେଣ୍ଡ ମାଝି, କନ୍ଧମାଳର ନବଘନ କଁଅର ଓ ପାରଳାଖେମୁଣ୍ଡିର ରାଧାକୃଷ୍ଣ ଦଣ୍ଡସେନା ଭଳି ବିଦ୍ରୋହୀ ମାନେ ଘୁମୁସର ବିଦ୍ରୋହକୁ ପ୍ରସାର ଓ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ମତ ରଖିଥିଲେ। ଶେଷରେ ସମ୍ପାଦକ ଭଞ୍ଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

● ବିନା ଡକ୍ୟୁମେଣ୍ଟରେ କୋଟିଏରୁ ଊର୍ଦ୍ଧ୍ୱ ଋଣ ପ୍ରଦାନ

## ଦୁଇ ବ୍ୟାଙ୍କ ଶାଖା ପରିଚାଳକ ନିଲମ୍ବିତ

ଆସିକା,୧୦।୧(ସମିସ)

ଆସିକା ସମବାୟ ବ୍ୟାଙ୍କରୁ ଜାଲ କାଗଜପତ୍ରରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ନେବା ଘଟଣାରେ ଗୁରୁବାର ସମବାୟ ବ୍ୟାଙ୍କର ମହିଳା ଶାଖା ପରିଚାଳକ ପ୍ରଦୀପ ରଥକୁ ନିଲମ୍ବିତ କରାଯାଇଛି। ଏହା ସହିତ ଆସିକା ସଦର ଶାଖାରେ ବେଆଇନ ଭାବେ ଫସଲ ବୀମା ପ୍ରଦାନବେଳେ ଏକ କୋଟି ୯୮ ଟଙ୍କାର ଅନିୟମିତତା କରିଥିବା ସଦର ବ୍ୟଙ୍କର ଶାଖା ପରିଚାଳକ ନିରଞ୍ଜନ ପୃଷ୍ଟିଙ୍କୁ ମଧ୍ୟ ନିଯୁକ୍ତି କମିଟି ନିଲମ୍ବିତ କରିଛି। ଫସଲ ବୀମା ଟଙ୍କା ସିଧାସଳଖ ଚାଷୀଙ୍କ ଜମ ଖାତାକୁ ଯିବା ନିୟମ ରହିଥିବାବେଳେ ଏହା ଚାଷୀଙ୍କ ଋଣ ଖାତାକୁ ନେଇ ହେରଫେର କରାଯାଇଛି। ଘଟଣା ସମ୍ପର୍କରେ ନାବାର୍ଡ ଅଡିଟ ସମୟରେ ଜଣାପଡିଥିଲା। କିନ୍ତୁ ଏହି ବ୍ୟାଙ୍କର କୌଣସି ନୀତି ନିୟମ କାମ କରୁ ନ ଥିବାରୁ ଏଠି ଦୁର୍ନୀତି ଦିନକୁ ଦିନ ବୃଦ୍ଧି ପାଉଛି। ଆରବିଆଇ ନିୟମ ଦ୍ୱାରା ପରିଚାଳିତ ଏହି ବ୍ୟାଙ୍କରେ ଲକ୍ଷ ଲକ୍ଷ କୃଷକ, ମଧ୍ୟବିତ୍ତ ନିଜ ଜମା ପୁଞ୍ଜି ଜମା ରଖିଛନ୍ତି। ଏବେ ସେହି ଜମାକାରୀ ଭୟରେ। କାରଣ କୌଣସି ନିୟମରେ ଏହି ବ୍ୟାଙ୍କ ପରିଚାଳିତ ହେଉ ନଥିବାରୁ ଯେଉଁ ଅଧିକାରୀ ହାତରେ କ୍ଷମତା ରହିଲା ସେ ନିଜ ନିୟମରେ କାମ କରଛନ୍ତି। ଋଣ ଦେଇଥିବା ଶାଖା ପରିଚାଳକ ଆସନ୍ତା କିଛିମାସ ପରେ ଅବସର ଗ୍ରହଣ କରିବେ। ତେଣୁ ତାକୁ ନିଲମ୍ବିତ କରି ବାହା ବାହା ନିଆଯାଉଥିବା ବେଳେ ଯେଉଁମାନେ ସୁପାରିଶ କରିଥିଲେ, ସହଯୋଗ କରିଥିଲେ ଋଣ ପ୍ରଦାନ ପାଇଁ ପ୍ରବର୍ତ୍ତାଇ ଥିଲେ ସେମାନେ ତଦନ୍ତ ପରିସରକୁ ଆସି ନାହାନ୍ତି କିମ୍ବା ବର୍ତ୍ତମାନ ସୁଧା ତଞ୍ଚକତା କରି ଋଣ ନେଇଥିବା ପୋଷ୍ଟ ଅଫିସ କର୍ମଚାରୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ତେଣୁ ଏଥିପ୍ରତି ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଦିବ୍ୟଦୃଷ୍ଟି ଯୋଜନାର ଶୁଭାରମ୍ଭ

ଛତ୍ରପୁର,୧୦।୧(ସମିସ): ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ସ୍ଥାନୀୟ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ୱାରିକାନାଥ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ଅନ୍ତଃର୍ନିବେଶୀ ଶିକ୍ଷା ସଂଯୋଜକ ତପନ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଯୁକ୍ତା ରଥ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ଶୀଳା ସିତାରାମ ଓ ପ୍ରଦୀପ ବେହେରା ଯୋଗଦେଇ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିବା ସହିତ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେଇଥିଲେ। ଆଗାମୀ ଦିନରେ ଛତ୍ରପୁର ବ୍ଲକର ୭ଟି ସ୍ଥାନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ଅଶ୍ୱିନୀ ପାଇକରାୟ ଓ ଦୀପାଞ୍ଜଳୀ ମହାନ୍ତି ପରିଚାଳନା କରିଥିବା ବେଳେ ସିଆରସିସି ସୁଶାନ୍ତ କୁମାର ସେଠୀ, କୈଳାଶ ଚନ୍ଦ୍ର ପଣ୍ଡା, ଆଲୋକ କୁମାର ସେଠୀ, ଅନ୍ତଃର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଅଶୋକ କୁମାର ପଲେଇ ଓ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

**ଚାଷୀ ଓ ଭାଗ ଚଷୀଙ୍କ ଧାନକ୍ରୟ ଦାବି**

# ଅଖିଳ ଭାରତ କୃଷକ ସଭାର ରଣହୁଙ୍କାର

ଛତ୍ରପୁର,୧୦।୧(ସମିସ)




ଗଞ୍ଜାମ ଜିଲ୍ଲାରେ ସଠିକ ଭାବେ ମଣ୍ଡି ଖୋଲି ଚାଷୀ ଓ ଭାଗ ଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ଥ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ସମେତ ବିଭିନ୍ନ ଦାବି ନେଇ ଶୁକ୍ରବାର ଅଖିଳ ଭାରତ କୃଷକ ସଭା ପକ୍ଷରୁ ରଣ ହୁଙ୍କାର ଦିଆଯାଇଛି। ସରକାର ଏହି ଦାବି ପୂରଣ ନକଲେ ଆଗାମୀ ଦିନରେ ଚାଷୀଙ୍କ ହିତ ରାଜରାସ୍ତା ଅବରୋଧ କରାଯିବ ବୋଲି ଅଖିଳ ଭାରତ କୃଷକ ସଭା ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଶହ ଶହ ଚାଷୀ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରଥିଲେ। ପରେ ସ୍ଥାନୀୟ ଲୋୟର ବସଷ୍ଟାଣ୍ଡରେ ଆୟୋଜିତ ସମାବେଶରେ ଚାଷୀ ମାନେ ସେମାନଙ୍କ ଦାବି ଗୁଡିକ ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ଚାଷୀ ଉପରେ ଦୁର୍ଦଶା ପଡିଛି, ଏଠି ସରକାରଙ୍କ ଯେଉଁ ପ୍ରକାର କଥାରେ ତାଳ ମେଳ ରହୁନି, ସରକାରଙ୍କ ଏଭଳି ନୀତି ଯୋଗୁଁ ଚାଷୀ ଓ ଭାଗ ଚାଷୀଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ କରାଯାଉଛି, ସେଥିପାଇଁ ରାଜ୍ୟରେ ଚାଷୀଙ୍କ ଆତ୍ମହତ୍ୟା ବଢ଼ିବାରେ ଲାଗିଛି, ସରକାର ଅନୁକମ୍ପା, ଦୟା ଦେଖାଉଛନ୍ତି ସିନା ଚାଷୀଙ୍କ ହିତ ନିମନ୍ତେ ସଠିକ କାମ କରୁ ନାହାନ୍ତି ବୋଲି ଅଖିଳ ଭାରତ କୃଷକ ସଭାର ଜିଲ୍ଲା ସଭାପତି ଶ୍ରୀହର୍ଷ ରଥ ଓ ସାଙ୍ଗଠନିକ ସମ୍ପାଦକ ନୀଳକଣ୍ଠ ଦାଶ କହିଛନ୍ତି। ଏଣୁ ଚାଷୀଙ୍କ ସମସ୍ତ କ୍ଷତିପୂରଣ ପ୍ରଦାନ କରିବା ସହିତ କୃଷି ଋଣ ଛାଡ କରିବା ଓ ସମସ୍ତ ଚାଷୀ ଓ ଭାଗଚାଷୀଙ୍କ ଧାନ ମଣ୍ଡିରେ କ୍ରୟ ନିମନ୍ତେ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଅଖିଳ ଭାରତ କୃଷକ ସଭାର ସମ୍ପାଦକ ରାଜୀବ ଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ମାନେ ଛତ୍ରପୁର ଲକ୍ଷ୍ମଣ ଭବନ ଠାରୁ ଏକ ବିରାଟ ରାଲିରେ ବାହାରି ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଅଖିଳ ଭାରତ କୃଷକ ସଭାର ଜିଲ୍ଲା ସଭାପତି ଶ୍ରୀହର୍ଷ ରଥ, କାର୍ଯ୍ୟକାରୀ ସଭାପତି ରଙ୍ଗନାଥ ସ୍ୱାଇଁ, ସମ୍ପାଦକ ରାଜୀବ ଲୋଚନ ପଣ୍ଡା, ଉପସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ନୀଳକଣ୍ଠ ଦାଶ, ଡି. ଆଦି ନାରାୟଣ ରେଡ୍ଡୀ, ଏନ. ଗିରିଜା ପ୍ରସାଦ ରେଡ୍ଡୀ, ସୀମାଞ୍ଚଳ ସାହୁ, ପ୍ରଫୁଲ୍ଲ ପାଣିଗ୍ରାହୀ, ଦଣ୍ଡପାଣି ପାତ୍ର, ମଥୁରା ଚରଣ ସୁବୁଦ୍ଧି, ଗୁରୁନାଥ ପ୍ରଧାନ, ସତ୍ୟ ନାରାୟଣ ପାତ୍ର, ଭଗବାନ ଗୌଡ଼, କିଶୋର ଶତପଥି, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ହରିହର ପାତ୍ର ଓ ଏସ. ତ୍ରିନାଥ ରେଡ୍ଡୀଙ୍କ ସମେତ ଶତାଧିକ ଚାଷୀ ମାନେ ସାମିଲ ଥିଲେ।

## ଜିଲ୍ଲା କିଷାନ କଂଗ୍ରେସର ବିକ୍ଷୋଭ

ଛତ୍ରପୁର,୧୦।୧(ସମିସ): କୃଷିଋଣ ଛାଡ଼ କରିବା, ମଣ୍ଡି ଖୋଲି ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବା ସହିତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବା ଦାବିରେ ଗଞ୍ଜାମ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ୬୧ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ଆକଳନ କରାଯାଇଛି। ସରକାରଙ୍କ ପକ୍ଷରୁ ଫସଲ କ୍ଷୟକ୍ଷତି ସଠିକ ଭାବେ ଆକଳନ କରାଯାଇ ନାହିଁ ଏବଂ ଯେଉଁ ଇନପୁଟ୍ ସବସିଡ ଘୋଷଣା କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ। କିନ୍ତୁ ଏ ଦିଗରେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫସଲ କ୍ଷୟକ୍ଷତିର ସଠିକ ଭାବେ ପୁନଃ ଆକଳନ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ସଠିକ୍ ଭାବେ ଇନପୁଟ ସବସିଡି ପ୍ରଦାନ କରିବା, ରିଲିଫ୍ କୋର୍ଡର ସଂଶୋଧନ କରାଯାଇ ଭାଗ ଚାଷୀଙ୍କୁ ସହାୟତା ପ୍ରଦାନ କରିବା, ବୀମାଭୁକ୍ତ ଚାଷୀଙ୍କୁ ସହାୟତା, ପନିପରିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ, ରବି ଚାଷ ପାଇଁ କୃଷକଙ୍କୁ ଇନପୁଟ ଯୋଗାଣ, ଏଫ୍‌ଏକ୍ୟୁ ମାନ କୋହଳ କରି ଧାନ କ୍ରୟ, କୃଷି ଋଣ ଛାଡ, କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକୁ ତ୍ୱରାନ୍ୱିତ ସହ ପ୍ରବାସୀ ଶ୍ରମିକ ରୋକିବାକୁ ସୁବନ୍ଦବୋସ୍ତ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ, ଭାଗିରଥି ବେହେରା, ଭୋକାଲି ସେଠି, ଡି. ରାମସ୍ୱାମୀ ରେଡ୍ଡୀ ଓ ଗଣପତି ବାରିକଙ୍କ ସମେତ ବହୁ ଚାଷୀ ମାନେ ଉପସ୍ଥିତ ଥିଲେ।



## ସଂଯୁକ୍ତ କିଷାନ ମୋର୍ଚ୍ଚାର ଦାବିପତ୍ର

ଧରାକୋଟ,୧୦।୧(ସମିସ): ଅଦିନିଆ ବର୍ଷା ଜନିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଶୁକ୍ରବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସମ୍ପାଦକ ପ୍ରତାପ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଏକ ପାଞ୍ଚ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାର୍ଥ ଓ ନିରପେକ୍ଷ ଆକଳନ କରି ଫସଲର କିସମ ଅନୁଯାୟୀ ଚାଷୀ ଓ ଭାଗ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଫସଲ ହାନି ଜନିତ ଆତ୍ମହତ୍ୟା କିମ୍ବା ହୃଦଘାତରେ ମୃତ୍ୟୁବରଣ କରିଥିବା ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ମଣ୍ଡି ବ୍ୟବସ୍ଥାରେ ଅରାଜକତା ବନ୍ଦ କରି ଭଲ ଖରାପ ସମସ୍ତ ଧାନ ଚାଷୀଙ୍କ ଠାରୁ କିଣିବା, କୃଷି ଋଣ ସମ୍ପୂର୍ଣ୍ଣ ଛାଡ କରିବା ଓ ଫସଲ ବୀମା କରିଥିବା ଚାଷୀ ମାନଙ୍କୁ ତୁରନ୍ତ ବୀମା ରାଶି ପ୍ରଦାନ ପାଇଁ ଏଥିରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ କିସାନ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସମ୍ପାଦକ ପ୍ରତାପ ନାୟକଙ୍କ ସମେତ ବ୍ଲକ ସଭାପତି ନରସିଂହ ଦଳବେହେରା, ବ୍ଲକ କମିଟି ସଭ୍ୟ ଯକ୍ଷ ଗମାଙ୍ଗ, ସଞ୍ଜୟ ରଇତ, ମନସ ଭୂୟାଁ, କବି ନାୟକ, ସୁମିତ୍ରା ନାହାକ, ଉଷା ନାୟକ, ସଂତୋଷୀ ନାୟକ ଓ ବନିତା ନାୟକଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।



# ସବୁ ବ୍ୟବସ୍ଥା ଢିଲା, ସମସ୍ୟାରେ ଛାତ୍ରଛାତ୍ରୀ

## ଗଞ୍ଜାମରେ ବାଟବଣା ଶିକ୍ଷା ବିଭାଗର ଏକାଧିକ ଯୋଜନା

ବ୍ରହ୍ମପୁର,୧୦ ।୧(ସମିସ): ଗଞ୍ଜାମ ଜିଲ୍ଲାରେ ଶିଶୁଙ୍କ ଲାଗି ଅନେକ ଯୋଜନା ଏବେ ବାଟବଣା ହେଉଛି । ଶୈଶବଠାରୁ ଆରମ୍ଭ କରି ଶିକ୍ଷା ପ୍ରାରମ୍ଭ ପର୍ଯ୍ୟନ୍ତ ଥିବା ବହୁ ଯୋଜନାରେ ଢିଲାରେ ଚାଲିଛି । ଫଳରେ ପିଲାମାନେ ସମସ୍ୟା ଘେରରେ ପେସି ହେଉଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଶିଶୁ ଓ ଛାତ୍ରଛାତ୍ରୀଙ୍କ ନିମନ୍ତେ ରହିଥିବା ବେଳେ ଏହା ଉଚିତ ସମୟରେ କାର୍ଯ୍ୟକାରୀ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହି ଯୋଜନା ମାଧ୍ୟମରେ ପ୍ରଦାନ କରାଯାଉଥିବା ସୁବିଧା ମଧ୍ୟ ସଠିକ ସମୟରେ ପହଞ୍ଚି ପାରୁନି । ଏଥିଯୋଗୁଁ ଗ୍ରାମାଞ୍ଚଳ ସମେତ ସହରର ବିଭିନ୍ନ ସ୍କୁଲରେ ପଢୁଥିବା ଛାତ୍ରାଛାତ୍ରୀ ଓ ଅଙ୍ଗନବାଡ଼ିରେ ଯାଉଥିବା କୋମଳମତି ଶିଶୁମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆସନ୍ତା ଫେବୃଆରୀ ୨୨ତାରିଖରେ ଦଶମ ବୋଡର୍ ପରୀକ୍ଷା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ହୋଇସାରିଛି । ପରୀକ୍ଷାକୁ ଆଉ ଦେଢ଼ ମାସ ବାକି ରହିଛି । କିନ୍ତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦଶମ ଛାତ୍ରଛାତ୍ରୀଙ୍କୁ ନୂଆ ୟୁନିଫର୍ମ ମିଳିପାରିନି । ସରକାର ପରିବର୍ତ୍ତନ ପରେ ସବୁ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା'ରେ ସବୁଜ ବଦଳରେ ମେରୁନ(ଖଇରିଆ) ଓ ହାଲୁକା ବାଦାମୀ ରଙ୍ଗର ୟୁନିଫର୍ମ ଯୋଗାଇବାକୁ ନିର୍ଦ୍ଦେଶ ରହିଥିଲା । ଏହା ସହ ହାଉସ ଡ୍ରେସ ସାଙ୍ଗକୁ ମୋଜା ଓ ଜୋତା ମିଳିବାର ନିୟମ ରହିଛି । କିନ୍ତୁ ନିର୍ଦ୍ଧାରିତ ସମୟରେ ବିଭାଗ ପକ୍ଷରୁ ଅନୁଦାନ ଯୋଗା ଯାଇନଥିବା କାରଣରୁ ଛାତ୍ରଛାତ୍ରୀଙ୍କୁ ନୂଆ ୟୁନିଫର୍ମ ଯୋଗାଣରେ ବିଳମ୍ବ ହୋଇଛି । କିଛି ସପ୍ତାହ ପରେ ଦଶମ ବୋଡର୍ ପରୀକ୍ଷା ରହିଛି । ହେଲ ସହର ବହୁ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ମିଳିଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ହାଉସ ଡ୍ରେସ, ମୋଜା ଓ ଜୋତା ମିଳିନଥିବା ଅଭିଯୋଗ ହୋଇଛି । ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଯୋଜନା ସଠିକ ଭାବରେ କାର୍ଯ୍ୟକାରୀ ହେଉନଥିବା ବହୁ ଅଭିଭାବକ ଅଭିଯୋଗ କରିଛନ୍ତି ।

### ଅଙ୍ଗନବାଡ଼ିରେ ନିମ୍ନମାନର ଶୀତବସ୍ତ୍ର

### ସ୍କୁଲରେ ମିଳୁନି ହାଉସ ୟୁନିଫର୍ମ ଓ ଜୋତା

ଉକ୍ତ ଟଙ୍କାରେ କ୍ରୟ କରାଯାଉଥିବା ବିଭିନ୍ନ ସାମଗ୍ରୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଲାଗୁ ନାହିଁ । ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ର ଯାଉଥିବା କୋମଳମତି ଶିଶୁଙ୍କ ନିମନ୍ତେ ଶୀତଋତୁରେ ଶୀତବସ୍ତ୍ର ପ୍ରଦାନ କରାଯାଉଛି । ବ୍ରହ୍ମପୁରରେ ସମୁଦାୟ ୧୯୬ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ସିଡିପିଓ- ଅଧୀନରେ ୧୦୬ଟି କେନ୍ଦ୍ର ରହିଥିବା ବେଳେ ୩ବର୍ଷରୁ ୬ବର୍ଷ ମଧ୍ୟରେ ୧୮ ଶହରୁ ଅଧିକ ପିଲା ରହିଛନ୍ତି । ସେହିପରି ସିଡିପିଓ-୨ ଅଧୀନରେ ୯୦ଟି କେନ୍ଦ୍ରରେ ୧୯ଶହରୁ ଅଧିକ ପିଲା ଅଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ର ପିଲାମାନଙ୍କୁ ଶୀତବସ୍ତ୍ର ଯୋଗାଇବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହିକ୍ରମରେ ବ୍ରହ୍ମପୁର ସହରର ମୋଟ ୧୯୬ଟି କେନ୍ଦ୍ରକୁ ଗତ ନଭେମ୍ବର ମାସରେ ଶୀତବସ୍ତ୍ର ଯୋଗାଇ ଦିଆଯାଇଛି । କିନ୍ତୁ ଏହାର ମାନ ଓ ମାପ ପିଲାଙ୍କ ପିନ୍ଧିବା ଯୋଗ୍ୟ ନୁହେଁ ବୋଲି ଅଭିଯୋଗ ହୋଇଛି । ସେହିପରି କିଛିବର୍ଷ ପୂର୍ବରୁ ମିଳୁଥିବା ଶୀତବସ୍ତ୍ର ଅସଲି ପଶମ(ଉଲ୍) କପଡ଼ାରେ ପ୍ରସ୍ତୁତ ହେଉଥିଲା । କିନ୍ତୁ ବର୍ତ୍ତମାନ ନାଇଲନ୍ ଓ ସିଲ୍ କପଡ଼ା ବି ମିଶିଥିବାରୁ ପିଲାମାନଙ୍କ ବ୍ୟବହାର ନିମନ୍ତେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏଭଳି ବିଭିନ୍ନ କାରଣରୁ ପିଲାମାନେ କେନ୍ଦ୍ରକୁ ଶୀତବସ୍ତ୍ର ପିନ୍ଧି ଆସିବାକୁ ପଛଘୁଞ୍ଚା ଦେଉଛନ୍ତି । ଏଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଉକ୍ତ ଯୋଜନା ଗୁଡ଼ିକ ସଠିକ ସମୟରେ କାର୍ଯ୍ୟକାରୀ ହେବାରେ ବିଳମ୍ବ ସାଙ୍ଗକୁ ନିମ୍ନମାନର ସାମଗ୍ରୀ ଯୋଗାଣ କାରଣରୁ ତାହା ଲୋକଙ୍କ ବ୍ୟବହାରରେ ଆସୁନାହିଁ । ତେଣୁ ଏଥି ପ୍ରତି ଜିଲ୍ଲା ପ୍ରଶାସ ଧ୍ୟାନ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ମହିଳା କଲେଜର ୭ ଛାତ୍ରୀଙ୍କ ମୋବାଇଲ୍ ଓ ଟଙ୍କା ଚୋରି

ବ୍ରହ୍ମପୁର,୧୦ ।୧: ଶଶିଭୂଷଣ ରଥ ମହିଳା କଲେଜରେ ପଢୁଥିବା ୭ ଜଣ ଛାତ୍ରୀଙ୍କ ମୋବାଇଲ ଓ ଟଙ୍କା ଚୋରି ହୋଇଥିବା ସୂଚନା ମିଳିଛି । ଏହି ଛାତ୍ରୀମାନେ କଲେଜ ଭିତରେ ଏକ ବୈଠକରେ ଯୋଗ ଦେଇଥିବା ବେଳେ ସେମାନଙ୍କ ବ୍ୟାଗକୁ ଗୋଟିଏ ସ୍ଥାନରେ ଏକାଠି ରଖିଥିଲେ । ଏହାର ସୁଯୋଗ ନେଇ ଜଣେ ଦୁର୍ବୃତ୍ତ କଲେଜ ଭିତରେ ପଶି ୭ ଛାତ୍ରୀଙ୍କ ବ୍ୟାଗରୁ ୭ଟି ଦାମୀ ମୋବାଇଲ ସହ ଟଙ୍କା ଚୋରି କରି ନେଇ ଯାଇଥିଲା । ଛାତ୍ରୀମାନେ ବୈଠକ ସାରି ଫେରିବା ପରେ ମୋବାଇଲ ଓ ଟଙ୍କା ନଥିବା ଜାଣିବାକୁ ପାଇଥିଲେ । କଲେଜରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ ପରେ ଜଣେ ଯୁବକ କଲେଜ ଭିତରେ ପଶି ଏହି ଚୋରି କରିଥିବା ଜଣାପଡିଥିଲା । ଏହାପରେ ଛାତ୍ରୀଙ୍କ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

## ପ୍ରାକ୍ତନ କ୍ରିକେଟ୍ ଖେଳାଳିଙ୍କ ପରଲୋକ



ବ୍ରହ୍ମପୁର,୧୦ ।୧(ସମିସ): ପ୍ରାକ୍ତନ ବରିଷ୍ଠ କ୍ରିକେଟ ଖେଳାଳୀ ଡି. ଶ୍ରୀରାମ ମୂର୍ତ୍ତିଙ୍କ ୮୮ବର୍ଷ ବୟସରେ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନଠାରେ ଗୁରୁବାର ରାତିରେ ବିୟୋଗ ହୋଇଯାଇଛି । ସେ ୨୧ ଗୋଟି ମ୍ୟାଚରେ ଖେଳି ଜିଲ୍ଲା ଓ ରାଜ୍ୟ ପାଇଁ ବହୁ ସୁନାମ ଆଣିଥିଲେ । ଓଆରଟିରେ ସଫଳତାର ସହ ଚାକିରୀ କରି ଅଧକ୍ଷ ପଦରୁ ଅବସର ନେଇଥିଲେ । ଦୀର୍ଘ ୭ ବର୍ଷ ଧରି ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ରହି ଆସୁଥିଲେ । କିଛି ବର୍ଷ ହେବ ହୃଦରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତିବ୍ରତା ସ୍ତ୍ରୀ ଡ଼ି. ରାମଣା, ବୋହୂ କମଳା, ଝିଅ ଆଶା ଜ୍ୟୋତି ଓ କାଞ୍ଚନ ପୁଅ ତେଜସ୍ କୁମାର ନାତି ଚନ୍ଦ୍ରକାନ୍ତ ଉପସ୍ଥିତ ଥିଲେ । ଡା. ନକୁଳ ସାହୁ, ବହୁ କ୍ରିକେଟ ପ୍ରେମୀ ଓ ବନ୍ଧୁବର୍ଗ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏନେଇ ବ୍ରହ୍ମପୁର ସହର ସମେତ ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଡେକାନ୍ କଲେଜରୁ ଚୋରି

ବ୍ରହ୍ମପୁର,୧୦ ।୧(ସମିସ): ବ୍ରହ୍ମପୁର ଉପକଣ୍ଠ ଚନ୍ଦନିଆ ପାହାଡ ନିକଟରେ ଥିବା ଡେକାନ କଲେଜରୁ ଚୋରି ହୋଇଛି । ଜଣେ ଦୁର୍ବୃତ୍ତ କଲେଜ ଭିତରକୁ ପଶି ଅଧକ୍ଷଙ୍କ ପ୍ରକୋଷ୍ଠ, ପ୍ରଶାସନିକ ପ୍ରକୋଷ୍ଠ, କାର୍ଯ୍ୟାଳୟ ଏବଂ ଷ୍ଟାଫ ରୁମର ତାଲା ଭାଙ୍ଗିବା ସହ ଏକ କମ୍ପ୍ୟୁଟର ହାର୍ଡସିକ୍ସ ଓ ସିସିଟିଭି କ୍ୟାମେରା ଚୋରି କରି ନେଇଯାଇଛନ୍ତି । ଏହି ଚୋରି ଘଟଣା ସମ୍ପର୍କରେ ଜଣାପଡିବା ପରେ କଲେଜ ପକ୍ଷରୁ ସରୋଜ କୁମାର ଆଚାର୍ଯ୍ୟ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ-୧୧/୨୫) ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ଏବିଭିପିର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାଖା ଗଠିତ




ବ୍ରହ୍ମପୁର,୧୦ ।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡ଼ିଶା ତରଫରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଂଗଠନ ପର୍ବ ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାଖା ଗଠନ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଭିପି ଓଡ଼ିଶାର ପ୍ରାନ୍ତ ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଓ ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ ଉପସ୍ଥିତ ଥିଲେ । ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜକ ସୁନିଲ ଦୋରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଭାଗ ସଂଯୋଜକ ଅନିଲ କୁମାର ସ୍ୱାଇଁଙ୍କ ଦ୍ୱାରା ଛାତ୍ରନେତାଙ୍କୁ ଦାୟିତ୍ୱ ବଣ୍ଟନ ହୋଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାଖାର ସଭାପତି ଭାବେ ରାଜ କିଶୋର ପ୍ରଧାନ ଓ ସମ୍ପାଦକ ଭାବେ ରାଧା ମୋହନ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ସ୍ୱସ୍ତି ସୁନ୍ଦର ଓ ଅଜିତକୁ ଏହି ସମିତିର ମାର୍ଗ ଦର୍ଶକ ଭାବେ ନିଯୁକ୍ତ କରାଯାଇଛି । ଉପସଭାପତି ଭାବେ ସୋମ୍ୟାଶ୍ରୀ, ଶିଶିର ଓ ଶିବାନନ୍ଦଙ୍କୁ ସହ ସମ୍ପାଦକ ଭାବେ ସାଇରାମ ସମେତ ବିଭିନ୍ନ ଛାତ୍ର ନେତାଙ୍କୁ ଦାୟିତ୍ୱ ଦିଆଯାଇଛି । ଆଗାମୀ ଦିନରେ କ୍ୟାମ୍ପସର ସୁରକ୍ଷା ଓ ବିକାଶ ପାଇଁ ଏହି ଏବିଭିପି ଶାଖା କାର୍ଯ୍ୟ କରିବ ବୋଲି ଶାଖା ସଭାପତି ରାଜ କିଶୋର ନିଜର ମତ ପ୍ରକାଶ କରିଛନ୍ତି ।

## ବେସନ୍ ମିଲ ଗୁମାସ୍ତାକୁ ମାଡ଼ମାରି ୯୦ ହଜାର ଲୁଟ୍

ବ୍ରହ୍ମପୁର,୧୦ ।୧(ସମିସ): ସ୍ଥାନୀୟ ପୁରୁଣା ପଦ୍ମଶ୍ରୀ ହଲ ନିକଟରେ ଜଣେ ବେସନ ମିଲ ଗୁମାସ୍ତାକୁ ମାଡ଼ ମାରି ଟଙ୍କା ଲୁଟ ହୋଇଛି । ଏନେଇ ବଡ଼ ବଜାର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀ ନୃସିଂହ ସାହି ନିବାସୀ ତଥା ଫାଷ୍ଟଗେଟ ଅଟୋ ନଗର ଅଞ୍ଚଳରେ ଥିବା ଏକ ବେସନ ମିଲ୍‌ରେ ସୁବାସ ଚନ୍ଦ୍ର ସାହୁ(୫୯) ଦୀର୍ଘ ୧୫ବର୍ଷ ହେଲା ଗୁମୁସ୍ତା ଭାବେ କାମ କରି ଆସୁଛନ୍ତି । ୮ତାରିଖରେ ସୁବାସ ସହର ବିଭିନ୍ନ ଦୋକାନୀଙ୍କଠାରୁ ଟଙ୍କା ଆଦାୟ କରି ମିଲ୍‌କୁ ଫେରୁଥିବା ବେଳେ ସ୍ଥାନୀୟ ପୁରୁଣା ପଦ୍ମଶ୍ରୀ ହଲ ନିକଟରେ ଜଣେ ଯୁବକ ହେଲମେଣ୍ଟ ପିନ୍ଧି ସ୍କୁଟିରେ ଆସି ତାଙ୍କୁ ଅଟକାଇ ମାଡ଼ମାରି ୯୦ହଜାର ଟଙ୍କାକୁ ଛଡ଼ାଇ ନେଇ କୁକୁଡ଼ାଖଣ୍ଡି ଅଭିମୁଖେ ଦ୍ରୁତ ଗତିରେ ଚାଲିଗଲା । ଘଟଣାକୁ ନେଇ ସୁବାସ ବଡ଼ ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରୁଛି ।

## ଜାତୀୟ ଉର୍ଜା ମେଳାରେ ବ୍ରହ୍ମପୁର ଛାତ୍ରୀଙ୍କ ସଫଳତା




ବ୍ରହ୍ମପୁର,୧୦ ।୧(ସମିସ): ଟିପିଏସ୍‌ଓଡିଏଲର ସହଯୋଗରେ ବ୍ରହ୍ମପୁର ଡିଏଭି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ଅନୁଷ୍କା ସାହୁ ଜାତୀୟ ଉର୍ଜା ମେଳା ୨୦୨୪ରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର ହାସଲ କରିଛନ୍ତି । ଦିଲ୍ଲୀର ଟାଟା ପାୱାର - ଡିଡିଏଲ୍ ପ୍ରଶିକ୍ଷଣ କେନ୍ଦ୍ରରେ ଏହା ଅନୁଷ୍ଠିତ ହୋଇଥିଲା ।

### ବିଚାରକ, ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କଲା ଅନୁଷ୍କାଙ୍କ ଅଭିନବ ପ୍ରକଳ୍ପ

ଅନୁଷ୍କାଙ୍କ ଅଭିନବ ପ୍ରକଳ୍ପ ଏରୋ ପ୍ୟାଜୋ ଫ୍ୟୁଜନକୁ ବିଚାରକ ଏବଂ ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏହି ପ୍ରକଳ୍ପରେ ଶକ୍ତି ଉତ୍ପାଦନ ଏବଂ ପରିବେଶ ସୁରକ୍ଷା ବିଷୟରେ ନୂତନ ଧାରଣା ପ୍ରଦର୍ଶନ କରାଯାଇଥିଲା । ଶିକ୍ଷୟିତ୍ରୀ ତୃପ୍ତି ରାଣୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍କା ଏହି ମଡେଲ ପ୍ରସ୍ତୁତ କରିଥିଲେ । ଯେଉଁଥିରେ ବିଜ୍ଞାନ ଓ ସୃଜନଶୀଳତାର ସମନ୍ୱୟ ଦେଖିବାକୁ ମିଳିଥିଲା । ତାଙ୍କର ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା ଅକ୍ଷୟ ଶକ୍ତିର ଉପଯୋଗ ଏବଂ ପରିବେଶ ପ୍ରଦୂଷଣ ହ୍ରାସ କରିବା । ଏହି ପ୍ରକଳ୍ପରେ ପ୍ୟାଜୋଇଲେକ୍ଟ୍ରିକ ଜେନେରେଟର, ପବନ ଚାଳିତ ଟର୍ବାଇନ୍, ଜୋତା ଇତ୍ୟାଦି ବ୍ୟବହାର ହୋଇଛି ଏବଂ ଏଥିରେ ପ୍ରଦୂଷକରୁ କାଳି ତିଆରି ହୋଇପାରିବ । ଏହା ଶକ୍ତି ଉତ୍ପାଦନ ସହ ପରିବେଶ ସ୍ୱଚ୍ଛ ରଖିବାରେ ସହାୟକ ହେବ । ଅନୁଷ୍କା ସାହୁ କହିଛନ୍ତି, ମୋର ଏହି ପ୍ରକଳ୍ପ ଶକ୍ତି ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା କରିବାରେ ସାହାଯ୍ୟ କରିବ । ଯାହା ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଟିପିଏସ୍‌ଓଡିଏଲ୍ ମୋତେ ଏଭଳି ସୁଯୋଗ ଦେଇଥିବାରୁ ଏବଂ ମୋ ଭଳି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ସ୍ଥାୟୀ ସମାଧାନ ବାହାର କରିବା ଦିଗରେ ପ୍ରେରିତ କରିଥିବାରୁ, ମୁଁ ଟିପିଏସ୍‌ଓଡିଏଲ୍ ନିକଟରେ କୃତଜ୍ଞ । ବାସ୍ତବ ଦୁନିଆର ସମସ୍ୟାର ସମାଧାନ କରିବା ସାମର୍ଥ୍ୟ ରହିଥିବାରୁ ଅନୁଷ୍କାଙ୍କ ପ୍ରକଳ୍ପ ବେଶ୍ ଉପଯୋଗୀ । ଏହା ବିଜ୍ଞାନ ପ୍ରତି ତାଙ୍କର ଭଲ ପାଇବା ଏବଂ ସମାଧାନ ବାହାର କରିବାର ଦୃଢ଼ ଇଚ୍ଛାକୁ ଦର୍ଶାଉଛି । କେବଳ ଅନୁଷ୍କା ନୁହଁନ୍ତି, ବରଂ ଦକ୍ଷିଣ ଓଡ଼ିଶାର ଅନେକ ଯୁବ ପ୍ରତିଭାଙ୍କୁ ଟିପିଏସ୍‌ଓଡିଏଲ୍ ଏଭଳି ସହଯୋଗ କରୁଅଛି । ଛାତ୍ରଛାତ୍ରୀଙ୍କୁ ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେଇଥିବାରୁ, ଅନୁଷ୍କାଙ୍କ ସଫଳତାରେ ଟିପିଏସ୍‌ଓଡିଏଲର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତୀୟ ଉର୍ଜା ମେଳା ୨୦୨୪ରେ ସଫଳତା ପାଇଁ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଅନୁଷ୍କା ଏବଂ ତାଙ୍କ ମାର୍ଗଦର୍ଶକ ତୃପ୍ତି ରାଣୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଶ୍ରୀ ଗର୍ଗ କହିଛନ୍ତି, ଜାତୀୟ ଉର୍ଜା ମେଳାରେ ଅନୁଷ୍କାଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ । ଦିଲ୍ଲୀରେ ଆୟୋଜିତ ଜାତୀୟ ଉର୍ଜା ମେଳା ୨୦୨୪ରେ ଟାଟା ପାୱାର କାର୍ଯ୍ୟ ପରିସରଭୁକ୍ତ ୮୦ରୁ ଅଧିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ।

## ନିର୍ମାଣାଧୀନ ଘରୁ ଚୋରି

ବ୍ରହ୍ମପୁର, ୧୦ ।୧ (ସମିସ): ଗୋସାଇଁ ନୂଆଗାଁ ଥାନା ଅନ୍ତର୍ଗତ ଓମବିହାର ୪ର୍ଥ ଲାଇନରେ ଥିବା ଏକ ନର୍ମାଣଧୀନ ଘରୁ ପାଣି ମୋଟର, କଲର ସ୍ପ୍ରେ ମୋଟର ସହ ସମସ୍ତ ଇଲେକ୍ଟ୍ରି ସାମଗ୍ରୀ ଚୋରି ହୋଇଯାଇଛି । ଏ ନେଇ ଥାନାରେ ଏକ ମାମଲା(ନଂ-୯/୨୫) ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି । ଆମ୍ବମାର୍କେଟ ନିକଟ ଅର୍ଣ୍ଣପୂର୍ଣ୍ଣାନଗର ପ୍ରଥମ ଲାଇନରେ ରହୁଥିବା ଅମର କୁମାର ବେହେରା ଓମବିହାରେ ଏକ ନୂତନ ଗୃହ ନିର୍ମାଣ କରୁଛନ୍ତି । କାରିଗରମାନେ କାମ ସାରି ଘରକୁ ଫେରିବା ପରେ ସେହି ଘରେ ତାଲା ପଡିଥିଲା । ୭ ତାରିଖ ରାତିରେ କୌଣସି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଭିତରକୁ ପଶିବା ସହ ଉପରୋକ୍ତ ସାମଗ୍ରୀ ଚୋରି କରି ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି ।

Sahitya Akademi
Ministry of Culture
Government of India

ସାହିତ୍ୟ ଅକାଦେମି
ଆୟୋଜିତ
ଯୁବ ପୁରସ୍କାର ୨୦୨୪
ଏବଂ
ପୁରସ୍କାର ପ୍ରାପକ ସମ୍ମିଳନୀ
୧୨-୧୩ ଜାନୁଆରି ୨୦୨୫
ଆପଣଙ୍କୁ ସାଦର ଆମନ୍ତ୍ରଣ

ରବିବାର, ୧୨ ଜାନୁଆରି ୨୦୨୫, ସନ୍ଧ୍ୟା ୫ଟା

ଯୁବ ପୁରସ୍କାର ୨୦୨୪
ଅର୍ପଣ ସମାରୋହ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪

କାର୍ଯ୍ୟସୂଚୀ
ଆବାହନୀ ସଙ୍ଗୀତ
ସ୍ୱାଗତ ଭାଷଣ : କେ. ଶ୍ରୀନିବାସରାଓ, ସଚିବ, ସାହିତ୍ୟ ଅକାଦେମି
ସଭାପତିଙ୍କ ଅଭିଭାଷଣ : ମାଧବ କୌଶିକ, ସଭାପତି, ସାହିତ୍ୟ ଅକାଦେମି
ଯୁବ ପୁରସ୍କାର ୨୦୨୪ ଅର୍ପଣ
ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ : ଜେରି ପିଣ୍ଟୋ, ବିଶିଷ୍ଟ ଇଂରାଜୀ କବି
ସମାପନୀ ବକ୍ତବ୍ୟ : କୁମୁଦ ଶର୍ମା, ଉପ-ସଭାପତି, ସାହିତ୍ୟ ଅକାଦେମି

ସୋମବାର, ୧୩ ଜାନୁଆରି ୨୦୨୫, ପୂର୍ବାହ୍ନ ୧୦:୩୦

ପୁରସ୍କାର ପ୍ରାପକ ସମ୍ମିଳନୀ
(ପୁରସ୍କାର ପ୍ରାପକମାନେ ନିଜ ସୃଜନାତ୍ମକ ଅନୁଭବ ପ୍ରକାଶ କରିବେ)
ବୁଦ୍ଧମନ୍ଦିର ସଭାକକ୍ଷ, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ
ମଧୁସୂଦନ ମାର୍ଗ, ୟୁନିଟ-୯, ଭୁବନେଶ୍ୱର- ୭୫୧୦୨୨
ସଭାମୁଖ୍ୟ
କୁମୁଦ ଶର୍ମା
ଉପ-ସଭାପତି, ସାହିତ୍ୟ ଅକାଦେମି

ଯୁବ ପୁରସ୍କାର ୨୦୨୪ ପ୍ରାପକବୃନ୍ଦ
ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା)
ସେଲ୍‌ଫ ମେଡ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ)
କେ. ବୈଶାଳୀ (ଇଂରାଜୀ), ରିଙ୍କୁ ଭଜେସିଂହ ରାଠୋଡ଼ (ଗୁଜୁରାଟୀ)
ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର. (କନ୍ନଡ଼)
ମୋହମ୍ମଦ ଆଶ୍ରଫ ଭଟ (ଆଶ୍ରଫ ଜିୟା) (କଶ୍ମିରୀ), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ)
ରିଙ୍କି ଝା ଋଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ)
ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ)
ସୁରଜ ଚାପାଗାଇଁ (ନେପାଳୀ), ସଂଜୟ କୁମାର ପଣ୍ଡା (ଓଡ଼ିଆ), ରଣଧୀର (ପଞ୍ଜାବୀ)
ସୋନାଲି ସୁଥର (ରାଜସ୍ଥାନୀ), ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ)
ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୂପାନି (ସିନ୍ଧି)
ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ)
ମୋହମ୍ମଦ ଜାଭେଦ ଅହମଦ (ଜାଭେଦ ଅମ୍ବର ମିସବାହୀ) (ଉର୍ଦ୍ଦୁ)

RSVP: 011-23386626/27/28, ROK: 033-24191784/06
Email: secretary@sahitya-akademi.gov.in
Website: www.sahitya-akademi.gov.in

### ରାଷ୍ଟ୍ରୀୟ ଇନ୍‌ଡୋର ପ୍ଲାଣ୍ଟ ଓ ହାଉସ ପ୍ଲାଣ୍ଟ ସମ୍ମାନ ଦିବସ

## ସବୁଜ ବାହିନୀ ପକ୍ଷରୁ 'ଗଛଟିଏ ଉପହାର' ବାର୍ତ୍ତା




ବ୍ରହ୍ମପୁର,୧୦ ।୧(ସମିସ): ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୦ତାରିଖକୁ "ଜାତୀୟ ହାଉସ ପ୍ଲାଣ୍ଟ' ଦିବସ ଭାବେ ପାଳନ କରାଯାଉଛି । ଏହି ଦିବସର ଆବଶ୍ୟକତା ତଥା ସଦୁପଯୋଗ ନିମନ୍ତେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସ୍ଥାନୀୟ ଆନ୍ଧ୍ର ମହିଳା ସମାଜମ୍ ଗୃହ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ଅପର୍ଟମେଣ୍ଟର ମୁଖ୍ୟ, ସ୍ୱେଚ୍ଛାସେବୀ ଏବଂ ଆନ୍ଧ୍ର ମହିଳା ସମାଗମର ମହିଳାଙ୍କୁ ହାଉସ ପ୍ଲାଣ୍ଟ ତଥା ଇନଡୋର୍ ପ୍ଲାଣ୍ଟ ଘରେ ରଖିବା ଦ୍ୱାରା ଏହାର ଉପଲବ୍‌ଠିଧ ଏବଂ ଫାଇଦା ବିଷୟରେ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସମାଜରେ ଅନୁଷ୍ଠିତ ବିବାହ, ଜନ୍ମଦିନ, ଗୃହ ପ୍ରବେଶ ତଥା ଅନ୍ୟାନ୍ୟ ଶୁଭକାର୍ଯ୍ୟରେ ଗଛଟିଏ ଉପହାର ଦେବାପାଇଁ ଚର୍ଚ୍ଚା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସଂକଳ୍ପ ସ୍କୁଲ ପ୍ରତିଷ୍ଠାତା ଇ. ଟି. ରାଓ, ସମ୍ମାନିତ ଅତିଥି ଭାବେ ଆନ୍ଧ୍ର ମହିଳା ସମାଜମର ସଭାପତି ମୋନିଙ୍ଗି କାମେଶ୍ୱରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ମଞ୍ଚରେ ତାଜ ନୋର୍ସେରୀ ପରିଚାଳକ ନାଜମୁଲ, ଆଞ୍ଚଳିକ ବିକାଶ ପରିବେଶର(ଗୁଣ୍ଡବନ୍ଧ) ସଭାପତି ସାଗର ପାତ୍ର ଏବଂ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଉପସ୍ଥିତ ରହି ଏହି ଦିବସର ମତାମତ ରଖିଥିଲେ । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସବୁଜ ବାହିନୀ ସମ୍ପାଦକ ଏ ପ୍ରକାଶ ପରିଚାଳନା କରିଥିବା ବେଳେ ସଙ୍ଗଠନର ସଦସ୍ୟ ଗଣେଶ ପାଣିଗ୍ରାହୀ, ପି ବିନୋଦ, ଅରବିନ୍ଦ ଦେଶୀବେହେରା, ବନମାଳୀ ପ୍ରଧାନ, ପ୍ରବୀଣ ନାୟକ, ଏସ ରବି କୁମାର, ଅନୀଲ ଚୌଧୁରୀ, ପି କିରଣ କୁମାର, ଅଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

DRIEMS
UNIVERSITY
ODISHA, TANGI, CUTTACK
ପ୍ରଥମ ସମାବର୍ତ୍ତନ ଉତ୍ସବ
୧୧ ଜାନୁୟାରୀ ୨୦୨୫ (ଶନିବାର)



ମୁଖ୍ୟଅତିଥି
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଆସିକା,୧୦ ।୧(ସମିସ): ଆସିକା ଥାନା ଅନ୍ତର୍ଗତ କଇଁଫୁଲିଆ ଛକ ପୋଲ ନିକଟରେ ଅଜଣା ଗାଡି ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଳିଆ ରାଉତ(୨୨)। କାଳିଆ ନିଜ ବାଇକ ଯୋଗେ ଆସିକାରୁ ନିଜ ଘରକୁ କଇଁଫୁଲିଆ ଛକ ଯାଉଥିବା ବେଳେ ହଠାତ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ କାଳିଆଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ନାଭିକୀୟ ଶକ୍ତିର ଉପାଦେୟତା କର୍ମଶାଳା



ବେଲଗୁଣ୍ଠା,୧୦ ।୧(ସମିସ): ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ନାଭିକୀୟ ଶକ୍ତିର ଉପାଦେୟତା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଦାର୍ଥ ବିଜ୍ଞାନ ବିଭାଗୀୟ ଅଧ୍ୟାପକ ଡ.ଗିରିଧାରୀ ନାୟକ ପରିଚାଳନା କରିବା ସହିତ ଅଧ୍ୟୟନ ଏବଂ ଦୃଢ଼ ବିଶ୍ୱାସ ବଳରେ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଅନୁସନ୍ଧିତ୍ସୁ ବିଦ୍ୱାନ୍ ମଧୁଛନ୍ଦା ସ୍ୱାଇଁ ନାଭିକୀୟ ଶକ୍ତିର ଉପାଦେୟତା ସମ୍ପର୍କରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଅମୂଲ୍ୟ କୁମାର ପଣ୍ଡା, ଡଃ. ରବି ନାରାୟଣ ପାତ୍ର, ଅନୀତା ତ୍ରିପାଠୀ, ଏବଂ ଗଙ୍ଗାଧର ରଣାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ର ତପୁ ବିଷୋୟୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ବୁଗୁଡା,୧୦ ।୧(ସମିସ): ସ୍ଥାନୀୟ ଅମିତ୍ ନଗର ନିବାସୀ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକଙ୍କ ମାତା ସାରିଆମଣୀ ପଟ୍ଟନାୟକ(୮୨)ଙ୍କ ଦେହାନ୍ତ ହୋଇଯାଇଛି। ଦୀର୍ଘ ଦିନ ଧରି ସେ ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁଅଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ। ସାହି ବାସିନ୍ଦା ତାଙ୍କର ଅନ୍ତିମ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେ ଜଣେ ସରଳ, ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ସ୍ଥାନୀୟ ବଡଶଙ୍ଖସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## କାୟାକଳ୍ପ ଟିମ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଆସିକା,୧୦ ।୧(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗଠିତ କାୟାକଳ୍ପର ଏକ ଟିମ୍ ଶୁକ୍ରବାର ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି, ରୋଗୀ ସେବା, ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା, କର୍ମଚାରୀଙ୍କ ଦକ୍ଷତା ବୁଲି ଦେଖିବା ସହିତ ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ଏହାର ମୂଲ୍ୟାୟନ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର ବିଭାଗର ସିଇଓ (ବୈଷୟିକ) ଡାକ୍ତର ରାମକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଡାକ୍ତର ସମ୍ବିତ ଜେନା ଓ ଅନୁଜା ବେହେରା ଅପରାହ୍ନରେ ବାଲିସିରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟସେବା ପ୍ରଦାନର ମୂଲ୍ୟାଙ୍କନ କରିଛନ୍ତି। ରାଜ୍ୟ ଡ଼ାକ୍ତରୀ ଦଳ ସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଦିଲୀପ କୁମାର ପଣ୍ଡା ଓ ଅଜୟ କୁମାର ମଲ୍ଲିକ ସାମିଲ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମଧୁସୂଦନ ବାରିକ, ବିପିଏମ ସାଗରିକା ମିଶ୍ର, ଡାକ୍ତର ଏ ଲକ୍ଷ୍ମୀ ଦେବୀ, ସୁବ୍ରତ କୁମାର ପଣ୍ଡା ପିଏଚଇଓ କୁବେର ପାତ୍ର, ରଞ୍ଜନ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଏହି ଟିମ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୂଲ୍ୟାଙ୍କନ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡାକ୍ତର ବାଲ ଗୋପାଳ ବେହେରା, ଦୀପକ ସାମନ୍ତରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଜାତୀୟ ରାଜପଥରେ ଟଳିବ ଟ୍ରାଫିକ ଓ ଦୁର୍ଘଟଣା ସମସ୍ୟା

# ଖୁବଶୀଘ୍ର ଓଭର୍‌ବ୍ରିଜ ଓ ଅଣ୍ଡରପାସ୍

**ଚୂଡ଼ାନ୍ତ ପର୍ଯ୍ୟାୟରେ ରୂପରେଖ ପ୍ରସ୍ତୁତି**

ରଙ୍ଗେଇଲୁଣ୍ଡା,୧୦ ।୧(ସମିସ): ଯାତାୟତ କ୍ଷେତ୍ରରେ ଜାତୀୟ ରାଜପଥ ଏକ ବୃହତ୍ତ ମାର୍ଗ। ଦିନକୁ ଦିନ ଏହି ରାସ୍ତାରେ ଗହଳି ଜମୁଛି। ଛକ ଛକରେ ଯାନବାହନ ଭିଡ଼ ହେବାରେ ଲାଗିଛି। ଫଳରେ ଗୋଟିଏ ଦିଗରୁ ଅନ୍ୟ ଏକ ଦିଗକୁ ଯିବାକୁ ହେଲେ ଅନେକ ସମସ୍ୟା ଉପୁଯୁଛି। ଏଥିଜନିତ ଦୁର୍ଘଟଣାମାନ ମଧ୍ୟ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାର ଜାତୀୟ ରାଜପଥ ନିକଟରେ ଥିବା ଛକ ମାନଙ୍କ ଓଭରବ୍ରିଜ ଓ ଅଣ୍ଡରପାସ ନିର୍ମାଣ ଲାଗି ଲୋକଙ୍କ ଦାବି ହୋଇ ଆସୁଥିଲା। ଏହାକୁ ସରକାର ହୃଦୟଙ୍ଗମ କରିଥିଲେ। ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଜାତୀୟ ରାଜପଥ ବିଭାଗ ଓ କର୍ତ୍ତୃପକ୍ଷ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଏହିକ୍ରମରେ ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ମୁଖ୍ୟ ଛକ ଗୁଡ଼ିକରେ ଅଣ୍ଡରବାସ ଓ ଓଭରବ୍ରିଜ ନିର୍ମାଣ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ମାଣ ହେବାକୁ ଥିବା ପ୍ରକଳ୍ପର ରୂପରେଖ ମଧ୍ୟ ଶେଷ ହୋଇଛି। ଫେବୃୟାରୀ ମାସରେ ଏହି କାମ ଆରମ୍ଭ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥ ଆନ୍ଧ୍ର ପ୍ରଦେଶର ସୀମାବର୍ତ୍ତୀଠାରୁ ପୁଇଁତୋଳା ଛକ ପର୍ଯ୍ୟନ୍ତ ବିଭିନ୍ନ ଛକରେ ବ୍ଲାକ ସ୍ପଟ ଚିହ୍ନଟ କରାଯାଇଥିଲା। ଏହି ସ୍ଥାନ ମାନଙ୍କରେ ପୂର୍ବରୁ ଦୁର୍ଘଟଣାରେ ଅନେକ ଜନଜୀବନ ମଧ୍ୟ ହାନୀ ହୋଇଥିଲା। ଏନେଇ ବିଭିନ୍ନ ସମୟରେ ଓଭରବ୍ରିଜ ହେବା ନେଇ ସ୍ଥାନୀୟ ଲୋକେ ଦାବି କରୁଥିଲେ। ବର୍ତ୍ତମାନ ଖୁବଶୀଘ୍ର ଉକ୍ତ ଦୁର୍ଘଟଣା ବହୁଳ ଛକ ମାନଙ୍କରେ ଅଣ୍ଡର ପାସ ଓ ଓଭରବ୍ରିଜ କାମ ଆରମ୍ଭ ହେବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ଜଗନ୍ନାଥପୁର ଛକ, ଲାଞ୍ଜିପଲ୍ଲୀ ବାଇପାସରେ ବୃହତ୍ତ ଓଭରବ୍ରିଜ ନିର୍ମାଣ ହେବାକୁ ଥିବା ବେଳେ ଛତ୍ରପୁରର ଆଇଆରଇ ଛକ, ହଳଦିଆପଦର, କନିଷି ହାଟ, ରମ୍ଭା, ଗୋଳନ୍ଥରା ଚୋଟି, ସୁରଳ ଜଙ୍କସନ ଆଦି ସ୍ଥାନରେ ଅଣ୍ଡର ପାସ ନିର୍ମାଣ ହେବ। ଏନେଇ କାର୍ଯ୍ୟାରମ୍ଭ ନେଇ ଚୂଡ଼ାନ୍ତ ନିଷ୍ପତି ହୋଇଛି। ଉକ୍ତ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ନେଇ ଗତ ନଭେମ୍ବର ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଡ଼ିସେମ୍ବର ମାସରେ ଟେଣ୍ଡର ପ୍ରକ୍ରିୟା ସରିଥିଲା। ମହାରାଷ୍ଟ୍ର ଓ ଓଡ଼ିଶାର ଏକ ଠିକା ସଂସ୍ଥା ଅଣ୍ଡର ପାସ ଓ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି। ଆସନ୍ତା ଫେବୃୟାରୀ ମାସରେ ଉକ୍ତ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ଜଣାଯାଇଛି। ୧୮ ମାସ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୩ଶହ ୫୦କୋଟି ବିନିଯୋଗ ହେବ ବୋଲି ଜଣାଯାଇଛି। ଏହା ହେବା ପରେ ଜାତୀୟ ରାଜପଥରେ ଦୁର୍ଘଟଣା ମାନ କମିବା ସହ ଯାତାୟତ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ଆଉ ପ୍ରତିବନ୍ଧକତା ରହିବ ନାହିଁ ବୋଲି ଆଶା କରାଯାଉଛି।

## ଡିଆଇଇଟି ପକ୍ଷରୁ ଦୁଇଦିନିଆ ପାଠଚକ୍ର




ରମ୍ଭା,୧୦ ।୧(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ଖଲ୍ଲିକୋଟ ପରିସରରେ ଦୁଇଦିନ ଧରି ହେବାକୁଥିବା ସିଲ୍ ବିଷୟକ ପାଠଚକ୍ରକୁ ଶିକ୍ଷା ଜିଲ୍ଲା ଅଧିକାରୀ ଅମିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୟାଗଡ଼ର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ, ସିଟି ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଅଜୟ କୁମାର ପେଣ୍ଡୋଇ, ପ୍ରଶିକ୍ଷଣ ପ୍ରତିଷ୍ଠାନ ନିମାପଡ଼ାର ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ପ୍ରଭାକର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସାମାଜିକ ଆବେଗିକ ନୈତିକ ଶିକ୍ଷା ବିଷୟ ଆଧାରିତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ ପାଠଚକ୍ରରେ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ସମସ୍ତଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ସାମାଜିକ ପ୍ରତିବଦ୍ଧତା, ଆବେଗ ପ୍ରବଣତା, ନୈତିକତାର ସ୍ଥାନ, ପାଠଚକ୍ର ଆୟୋଜନ ପଛରେ ଥିବା ପ୍ରକୃତ ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କୀତ ସ୍ୱତନ୍ତ୍ର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଂଯୋଜନା ଦାୟିତ୍ୱ ତୁଲାଇଛନ୍ତି ପ୍ରଶିକ୍ଷିକା ସରୋଜିନୀ ମିଶ୍ର। ପାଠଚକ୍ରରେ ପ୍ରତିଷ୍ଠାନର ପ୍ରଶିକ୍ଷକ ଅଭିରାମ ବିଶ୍ୱାଳ, ଦେବେନ୍ଦ୍ର କୁମାର ସାହୁ, ବିଷ୍ଣୁ ନାରାୟଣ ଜେନା, ମୁକ୍ତିକାନ୍ତ ବେହେରା, ନବୀନ ପରମାଣିକ, ସୁକୁଲେଇ ଟୁଡୁ, ଜିତେନ୍ଦ୍ର କୁମାର ପଣ୍ଡା, ପ୍ରଶିକ୍ଷିକା ଡକ୍ଟର ନୀହାରିକା ସାମନ୍ତରାୟ, ନିବେଦିତା ପାଢ଼ୀ, ପ୍ରଜ୍ଞା ପରମିତା, ଲିପିଶ୍ରୀ ଦେବୀ, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼, ଭାବିଲିତା ନାୟକ, ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ, ବବିତା ସିଂ ନାୟକଙ୍କ ସମେତ ବରିଷ୍ଠ ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀ, ନିରୂପମା ପ୍ରଧାନ, କମ୍ପ୍ୟୁଟର ସହାୟକ ମନୋରଞ୍ଜନ ବାରିକ, ପ୍ରତିଷ୍ଠାନର କର୍ମଚାରୀ ଜୟଶଙ୍କର ଗୌଡ଼, ସୁକାନ୍ତି ସେଠୀ, ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣା ମାମଲାରେ ଗାଡ଼ିଚାଳକ ଗିରଫ

ଦିଗପହଣ୍ଡି,୧୦ ।୧(ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଆଙ୍କୋରଡ଼ା ଗ୍ରାମର ଗାଡ଼ି ଚାଳକ ଦିଲ୍ଲୀପ ନାୟକଙ୍କୁ ଦିଗପହଣ୍ଡି ପୁଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଗୁରୁବାର ଅପରାହ୍ନ ପ୍ରାୟ୨ଟାରେ ଦିଗପହଣ୍ଡି ସହର ଉପକଣ୍ଠ ଏନ୍ଏସି ତନଖି ଫାଟକ ନିକଟରେ ପିକଅପ ଭ୍ୟାନ (ନଂ. ଓଡ଼ି୦୭ ଆର - ୦୧୨୮) ଏକ ବାଇକ (ନଂ. ଓଡ଼ି ୦୭ ଏଡ଼ବ୍ଲ୍ୟୁ -୨୨୨୧)କୁ ସମ୍ମୁଖ ଭାଗରୁ ଧକ୍କା ଦେବାରୁ ବ୍ରହ୍ମପୁର ସଦରଥାନା ହୁଗୁଳାପଟା ଗ୍ରାମର ବାଇକ ଚାଳକ ସନ୍ତୋଷ କୁମାର ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସନ୍ତୋଷଙ୍କ ବାପା ପ୍ରଶାନ୍ତ କୁମାର ସ୍ୱାଇଁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୨୧/୨୫ ଅନୁଯାୟୀ ଅଭିଯୁକ୍ତ ଗାଡ଼ି ଚାଳକ ଦିଲ୍ଲୀପଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଯାତ୍ରୀବାହୀ ବସ୍ ଭିତରେ ଟଳି ପଡ଼ିଲେ ବୃଦ୍ଧା

ଦିଗପହଣ୍ଡି,୧୦ ।୧(ସମିସ): ଦିଗପହଣ୍ଡିରୁ ବ୍ରହ୍ମପୁର ଯାଉଥିବା ଏକ ଯାତ୍ରୀବାହୀ ବସରେ ବ୍ରହ୍ମପୁର ଯାଉଥିବା ଜଣେ ବୃଦ୍ଧା ଶୁକ୍ରବାର ସକାଳେ ବସ ଭିତରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ବୃଦ୍ଧା ଜଣକ ହେଲେ ଶେରଗଡ଼ ଗ୍ରାମ ଅନନ୍ତ ନଗରର ସ୍ୱର୍ଗତ ଗାଣ୍ଡୁ ପାଣିଗ୍ରାହୀଙ୍କ ସହଧର୍ମିଣୀ ଲଳିତା ପାଣିଗ୍ରାହୀ (୭୫)। ବୃଦ୍ଧା ଜଣକ ସକାଳୁ ନିଜ ଗ୍ରାମ ଶେରଗଡ଼ରୁ ଦିଗପହଣ୍ଡି ଆସିଥିଲେ। ସେଠାରୁ ବ୍ରହ୍ମପୁର ଯିବା ପାଇଁ ଦିଗପହଣ୍ଡି ବସଷ୍ଟାଣ୍ଡରେ ସ୍ୱପ୍ନ ସାଗର ନାମକ ଏକ ଘରୋଇ ବସରେ ଚଢିଥିଲେ। ବସଟି ବସଷ୍ଟାଣ୍ଡ ଠାରୁ ଅଳ୍ପ ଦୂର ଯିବାପରେ ବୃଦ୍ଧା ଜଣକ ଅଚେତ ଅବସ୍ଥାରେ ବସ ସିଟରେ ଟଳି ପଡ଼ିଥିଲେ। ଜଣେ ଯାତ୍ରୀଙ୍କ ଫୋନରୁ ଖବରପାଇ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର ପରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଥମେ ବୃଦ୍ଧାଙ୍କ ସଠିକ ପରିଚୟ ମିଳିନଥିବା ବେଳେ ବିଭିନ୍ନ ସୋସିଆଲ ମିଡିଆରେ ଖବର ପ୍ରସାରିତ କରାଯାଇଥିଲା। ଦୀର୍ଘ ଘଣ୍ଟା ପରେ ବୃଦ୍ଧାଙ୍କ ପୁଅ ସିମାଞ୍ଚଳ ପାଣିଗ୍ରାହୀ ଖବରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଅପରପକ୍ଷରେ ପୁଲିସ ମୃତଦେହ ଜବତ କରି ଥାନା ଅପମୃତ୍ୟୁ ମାମଲା ନଂ. ୨/୨୫ ଅନୁସାରେ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ୧୧ କୋଟି ବ୍ୟୟରେ ହେବ ତପ୍ତପାଣିର ବିକାଶ

ସାନଖେମୁଣ୍ଡି,୧୦ ।୧(ସମିସ): ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଗଞ୍ଜାମ ଗଜପତି ସୀମାନ୍ତ ତଥା ସାନଖେମୁଣ୍ଡି ବ୍ଲକର ତପ୍ତପାଣି ଉଷ୍ଣ ପ୍ରସବଣ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମୀ ଉନ୍ନୟନ କରାଯିବ। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯିବ। ତପ୍ତପାଣି ପର୍ଯ୍ୟଟନ କ୍ଷେତ୍ରର ରୂପାନ୍ତରଣ ସହ ଏହାକୁ ନବକଳେବର କରାଯିବ ବୋଲି ସାନଖେମୁଣ୍ଡି ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତପ୍ତପାଣି ଉନ୍ନୟନ କମିଟି ବ୍ଲକ୍ ପ୍ରଶାସନ ଓ ପୂର୍ତ୍ତ ବିଭାଗର ମିଳିତ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ତପ୍ତପାଣି ପର୍ଯ୍ୟଟନ କ୍ଷେତ୍ରର ପରିସରକୁ ସୌନ୍ଦର୍ଯ୍ୟକରଣ କରିବା ଦିଗରେ ଉନ୍ନୟନ କମିଟିର ନିର୍ଦ୍ଧାରଣ ମୁତାବକ ସଂପୃକ୍ତ ବିଭାଗ ଉନ୍ନୟନ କାର୍ଯ୍ୟ କରିବ ଏବଂ ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦିଗରେ ଉନ୍ନୟନ କମିଟି ଦାୟିତ୍ୱ ନେବ ବୋଲି ସ୍ଥିର ହୋଇଛି। ସ୍ନାନାଗାର ସମ୍ପ୍ରସାରଣ ଶୌଚାଳୟ ପୋଲିସ ସହାୟତା କେନ୍ଦ୍ର ପାନୀୟ ଜଳ ଟେଲିଫୋନ ବ୍ୟବସ୍ଥା ଆଲୋକିକରଣ ଜାତୀୟ ରାଜପଥରୁ ଦୋକାନ ଗୃହ ଉଚ୍ଛେଦ ଗାଧୁଆ କୁଣ୍ଡ ରେ ସାବୁନ ସାମ୍ପୋ ବାରଣ ବର୍ଜ୍ୟବସ୍ତୁ ପରିଚାଳନା ଯାତ୍ରୀଙ୍କ ବିଶ୍ରାମଗୃହ ନିର୍ମାଣ ସମ୍ପର୍କିତ ଆଲୋଚନା ଓ ପ୍ରସ୍ତାବ ନିର୍ଦ୍ଧାରଣ କରାଯାଇଥିଲା। ତପ୍ତପାଣି ପରିସରରେ ଥିବା ଉଷ୍ଣପ୍ରସବଣ କନ୍ଧୁଣିଦେବୀ ପୀଠ ଓ ନୀଳକଣ୍ଠେଶ୍ୱର ଶୈବପୀଠ ର ବିକାଶ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମସ୍ତ ସୁବିଧା ଉପଲବ୍ଧ କରାଇବା ପାଇଁ ଆଲୋଚନା କରାଯାଇଥିଲା। ତପ୍ତପାଣିର ମୌଳିକ ସମସ୍ୟା ସମାଧାନ ନିମିତ୍ତ ବିଭିନ୍ନ ପ୍ରସ୍ତାବ ସମୂହକୁ ଆଲୋଚନା କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ୧୧ କୋଟି ଟଙ୍କା ବ୍ୟୟରେ ତପ୍ତପାଣି ପର୍ଯ୍ୟଟନ ବିକାଶ ନିମିତ୍ତ କାର୍ଯ୍ୟଖସଡା ସମ୍ପର୍କିତ ପ୍ରସ୍ତାବ ନିର୍ଦ୍ଧାରଣ କରାଯାଇଥିଲା। ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ପ୍ରଧାନ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରା ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ମନ୍ଦିର କମିଟି ପକ୍ଷରୁ ଚନ୍ଦ୍ରଶେଖର ଜାନି କନ୍ଧ ବଡ଼ରଇତ ରେଡିକା ଜାନି ଲିଟୁ ପ୍ରଧାନ ପ୍ରଦୀପ ଦାଶ ସନ୍ତୋଷ ଦଳେଇ ସୀମାଞ୍ଚଳ ପ୍ରଧାନ ରଞ୍ଜନ କୁମାର ଜାନି ହରିକୃଷ୍ଣ ପଣ୍ଡା ଗାଙ୍ଗୁଲି ମଣ୍ଡଳ ନୀଳାମ୍ବର ଅଧିକାରୀ ପବିତ୍ର ମଣ୍ଡଳଙ୍କ ସମେତ ସ୍ଥାନୀୟ ଆଖପାଖ ଗ୍ରାମବାସୀ ପର୍ଯ୍ୟଟନ କ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ ପାଇଁ ଆଲୋଚନା କରିଥିଲେ।

# ଧାନମଣ୍ଡିକୁ ନେଇ ଧାରଣାରେ ବସିଲେ ଚାଷୀ



ଜଗନ୍ନାଥପ୍ରସାଦ,୧୦ ।୧(ସମିସ): ଜଗନ୍ନାଥପ୍ରସାଦ ବ୍ଲକର ବିଡ଼ିପୁର ଠାରେ ଥିବା ପ୍ରାଥମିକ ସେବା ସମବାୟ ସମିତିରେ ଚାଷୀ ପଞ୍ଜିକରଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ଏହି ସମବାୟ ଅଧୀନ ଗ୍ରାମ ବିଡ଼ିପୁର, ସୋରିଷ ମୁଲୁ, ମେଣ୍ଟପୁର, ଗୁଡ଼ିପଲ୍ଲୀ, ତରଫ, ଭୂଷଣ୍ଡପାଳ, ତେନ୍ତୁଳିଆ, ଗଡ଼ିଶାପଲ୍ଲୀ, ପାଣ୍ଡିରୀପଡା ଆଦି ଗ୍ରାମର ଚାଷୀ ଗଞ୍ଜାମ ଜିଲ୍ଲାପାଳ, ଭଞ୍ଜନଗର ଉପଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଓ ଜଗନ୍ନାଥପ୍ରସାଦ ଥାନାକୁ ଆଗରୁ ଅଭିଯୋଗ ପତ୍ର ଦେଇଥିଲେ। ଚାଷୀମାନଙ୍କ ଅଭିଯୋଗ ଯେ ଏହି ସମବାୟ ସମିତିରେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିବା ପାଇଁ ସମ୍ପାଦକଙ୍କ ନିକଟରେ ସରକାରୀ ଧାର୍ଯ୍ୟ ପ୍ରମାଣପତ୍ର ଦାଖଲ କରିଥିଲେ। କିନ୍ତୁ ଚାଷୀଙ୍କର ଓଟିପି ଓ ଆଇଡି ହୋଇଥିଲେ ମଧ୍ୟ ସେମାନଙ୍କ ନାମ ପଞ୍ଜିକୃତ ହୋଇନାହିଁ। ଆଉ ଯେଉଁ ଚାଷୀ ମାନଙ୍କର ପଞ୍ଜିକରଣ ହୋଇଛି ସେମାନେ ଦେଇଥିବା ତଥ୍ୟକୁ କାଟିଦେଇ ମାତ୍ର କାହାର ଦୁଇ କୁଇଣ୍ଟାଲ ଓ ବୃହତ ଚାଷୀମାନଙ୍କର ସର୍ବାଧିକ ପାଞ୍ଚ କୁଇଣ୍ଟାଲ ଭିତରେ ଟୋକନ ଆସିଛି। କିନ୍ତୁ ପ୍ରକୃତରେ ସେମାନଙ୍କର ୭୦/୮୦କୁଇଣ୍ଟାଲ ଧାନ ଆଦାୟ ହୋଇଛି। ଏଥି ନିମନ୍ତେ ଆବଶ୍ୟକ ଚାଷଜମି ପଟା ସେମାନେ କାର୍ଯ୍ୟାଳୟରେ ପୂର୍ବରୁ ପଞ୍ଜିକୃତ ବେଳେ ଦାଖଲ କରିଥିଲେ। ଲଗାଣ ବର୍ଷାରେ ଧାନ ନଷ୍ଟ ହୋଇ ଯାଇଥିବା ବେଳେ ବାକି ରହି ଯାଇଥିବା ଧାନ ବିକ୍ରି କରିବା ପାଇ ଚାଷୀ ପାଖରେ ଟୋକନ ନାହିଁ।

ଏପରିକି ବିଡ଼ିପୁର ସେବା ସମବାୟ ସମିତିର ଲିଃର ପୂର୍ବତନ ସମ୍ପାଦକ ସୋମନାଥ ମଲ୍ଲିକ ବିଗତ ବର୍ଷରେ ବୀମାଭୁକ୍ତ ଚାଷୀମାନଙ୍କ ବୀମାରାଶି ଏ ପର୍ଯ୍ୟନ୍ତ ନ ଦେଇ ହଡ଼ପ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଏନେଇ ସମ୍ପାଦକଙ୍କୁ ପଚାରିବାରୁ ଲୋକଙ୍କ ଧାନ ବିକ୍ରି ହେଲେ ଗଲା, ଏଥିରେ ବ୍ୟସ୍ତ ହେବାର କିଛି ନାହିଁ ବୋଲି କହୁଛନ୍ତି। ଖବର ନେବାରେ ଜଣାପଡିଛି ଗତବର୍ଷ ୨୮୭ଜଣ ଚାଷୀ ପଞ୍ଜିକୃତହୋଇ ୬୦୦୦କ୍ୱିଣ୍ଟାଲ ଉର୍ଦ୍ଧ ଧାନ ମଣ୍ଡିକୁ ଦେବାପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଚଳିତ ବର୍ଷ ୨୬୨ଜଣ ଚାଷୀଙ୍କ ନାମ ପଞ୍ଜିକୃତ ହୋଇ ୭୯୮୪ କ୍ୟୁଇଣ୍ଟାଲ ଧାନ କିଣାଯିବ ପାଇଁ ଟାର୍ଗେଟ ରହିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଗତ ବର୍ଷ ଠାରୁ ଚଳିତ ବର୍ଷ ୨୫ ଚାଷୀ କମିଲେ କିନ୍ତୁ ଧାନକିଣିବା ଟାର୍ଗେଟ ବଢିଛି କେମିତି ବୋଲି ଚାଷୀ କହୁଛନ୍ତି। ଏନେଇ ଶୁକ୍ରବାର କିଛି ଚାଷୀ ସୋସାଇଟି ଆଗରେ ଧାରଣାରେ ବସିଥିଲେ।ତେବେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସ୍ଥାନୀୟ ଗୋଷ୍ଠୀ ଉନୟନ ଅଧିକାରୀ ମନ୍ମଥ ନାଥ ମଲିକ ଓ ବିପ୍ର ଚରଣ ବାରିକ ଓ ଅନ୍ୟ କିଛି ଅତିଥିଙ୍କ ଦ୍ୱାରା ମଣ୍ଡି ଉଦଘାଟନ ହେବାର ଥିବାରୁ ଅତିଥି ମାନେ ଆସିଥିଲେ ମଧ୍ୟ ଚାଷୀଙ୍କ ବିରୋଧ ଯୋଗୁଁ ତାହା ହୋଇପାରିନଥିଲା। ବିଡ଼ିଓ ଚାଷୀ ମାନଙ୍କୁ ଡାକି ସେମାନଙ୍କ ଅଭିଯୋଗ ଶୁଣିଥିଲେ ଓ ସେମାନଙ୍କୁ ଲିଖିତ ଅଭିଯୋଗ କରିବାପାଇଁ କହିଥିଲେ। ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ସହିତ କୌଣସି ପରିସ୍ଥିତିରେ ଚାଷୀଙ୍କୁ ହଇରାଣ ହରକତ କରାଯିବ ନାହିଁ, ସେମାନଙ୍କ ଧାନ ନିଶ୍ଚିତ ଭାବେ ସରକାରୀ ଧାର୍ଯ୍ୟ ମୂଲ୍ୟରେ କିଣାଯିବ ଓ ଯଦି ଚାଷୀଙ୍କ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରିଥିବା ତଦନ୍ତ ପରେ ଜଣାପଡ଼େ ତେବେ ସେମାନଙ୍କ ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଫେରି ଯାଇଥିଲେ।

## ରଙ୍ଗେଇଲୁଣ୍ଡା ପରିସଂଖ୍ୟାନ କାର୍ଯ୍ୟାଳୟରେ ତାଲା




ରଙ୍ଗେଇଲୁଣ୍ଡା,୧୦ ।୧(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପରିସଂଖ୍ୟାନ କାର୍ଯ୍ୟାଳୟ ସ୍ଥାଣୁ ପାଲଟିଛି। ପ୍ରତିଦିନ ଏହି କାର୍ଯ୍ୟାଳୟରେ ଏକ ବଡ଼ ତାଲା ଝୁଲୁଛି। ଏଣେ ତେଣେ ଆବର୍ଜନା ସହ ଧୂଳି ଧୂଷରରେ ଭର୍ତ୍ତି ହୋଇଛି। କାଁ ଭାଁ କାର୍ଯ୍ୟାଳୟ ଖୋଲୁଛି। ଏହି କାର୍ଯ୍ୟାଳୟରେ କିଏ ଅଧିକାରୀ ଅଛନ୍ତି, ସେ କଣ କରୁଛନ୍ତି, କେତେବେଳେ ଆସୁଛନ୍ତି ତାହା କେହି ଜାଣନ୍ତିନି। ଏପରିକି ବ୍ଲକ ପ୍ରଶାସନ ସହିତ ସମନ୍ୱୟ ମଧ୍ୟ ରଖୁନଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟର କାର୍ଯ୍ୟ କଣ ବୋଲି ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶଯୋଗ୍ୟ ଯେ, ଫସଲବୀମା କ୍ଷୟକ୍ଷତି ଆକଳନ ଠାରୁ ଆରମ୍ଭ କରି କୃଷି ଗଣନା ସମେତ କ୍ଷୟକ୍ଷତି ଆକଳନ ଆଦି କ୍ଷେତ୍ରରେ ପରିସଂଖ୍ୟାନ ବିଭାଗର ଗୁରୁତ୍ୱ ଅଧିକା ରହିଛି। ସମ୍ପ୍ରତି ଗଞ୍ଜାମ ଜିଲ୍ଲା ବିପର୍ଯ୍ୟୟ ଦେଇ ଗତି କରୁଥିବା ବେଳେ ରଙ୍ଗେଇଲୁଣ୍ଡା ଭଳି ବୃହତ୍ତ ବ୍ଲକରେ ପରିସଂଖ୍ୟାନ ଅଧିକାରୀଙ୍କ ଦେଖା ନ ମିଳିବା ସାଧାରଣରେ ନାପସନ୍ଦ କରାଯାଇଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟର ସରକାରୀ କୋଠା ନିର୍ମାଣରେ ବିଳମ୍ବିତ ହେଉଥିବା ବେଳେ ଯେଉଁ ବ୍ଲକରେ ସରକାରୀ କୋଠା ରହିଛି ସେଠାରେ ଅଧିକାରୀଙ୍କ ଦେଖା ନ ମିଳିବା ଗମ୍ଭୀର ପ୍ରସଙ୍ଗ ହୋଇଛି।

# ଜି.ଉଦୟଗିରିରେ ଶୀତଲହରୀ; ୫.୪ ଡିଗ୍ରୀରେ ପାରଦ

ଜି.ଉଦୟଗିରି, ୧୦।୧(ସମିସ): ରାଜ୍ୟର ଶୀତଳତମ ସହର ଜି. ଉଦୟଗିରିରେ ଶୀତଲହରୀ ଜାରି ରହିଛି । ପାରଦ ୫ ଡିଗ୍ରୀରେ ରହୁଥିବା ବେଳେ ଅସହ୍ୟ ଜାଡ ଯୋଗୁଁ ଛଟପଟ ହେଉଛନ୍ତି ଲୋକେ । ଗୁରୁବାର ଦିନ ସର୍ବନିମ୍ନ ତାପମାତ୍ରା ୫.୨ ରହିଥିବା ବେଳେ ଶୁକ୍ରବାରତାପମାତ୍ରା ୫.୪ ରହିଥିଲା । ଅସହ୍ୟ ଥଣ୍ଡା କାରଣରୁ ଦିନକୁ ଦିନ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରେ ଲାଗିଛି । ବିଶେଷ କରି ବୟସ୍କ ଲୋକଙ୍କ ହାତ ଗୋଡ ଯନ୍ତ୍ରଣା ବଢ଼ିବାରେ ଲାଗିଛି । ଆଣ୍ଠୁଗଣ୍ଠି ବାତ ଥିବା ଲୋକଙ୍କ ଯନ୍ତ୍ରଣା ଅସହ୍ୟ ହେଉଛି । ଛୋଟ ପିଲାଙ୍କ ଥଣ୍ଡା କାଶ ଶ୍ୱାସ ସମସ୍ୟା ବଢ଼ିବାରେ ଲାଗିଛି । ଥଣ୍ଡା କାଶ ଜ୍ୱର ଲାଗି ରହୁଥିବା ବେଳେ ଆଣ୍ଟିବାୟୋଟିକ ଖାଇବା ପରେ ମଧ୍ୟ କମୁ ନ ଥିବା ଯୋଗୁଁ ଚିନ୍ତା ପ୍ରକଟ କରିଛନ୍ତି ଅଭିଭାବକ । ଅତ୍ୟାଧିକ ଥଣ୍ଡା କାରଣରୁ ଏହା ହେଉଥିବା ବେଳେ କାମ ନ ଥିଲେ ବାହାରକୁ ନବାହାରିବା ସହିତ ଛୋଟ ପିଲାକୁ ପ୍ରତି ଯତ୍ନ ନେବା, ଗରମ ପାଣି ବ୍ୟବହାର କରିବା ସହିତ ମନଇଚ୍ଛା ପେନ କିଲର ନଖାଇ ଆଣ୍ଠୁଗଣ୍ଠିରେ ତେଲ ମାଲିସ୍ କରିବା ସହିତ ହାଲୁକା ବ୍ୟାୟାମ କରିବା ଆବଶ୍ୟକ ବୋଲି ଡା. ସତ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି । ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଦିନ ୯ ପର୍ଯ୍ୟନ୍ତ ନିଆଁ ପାଖରେ ବସି ରହୁଥିବା ଦେଖିବାକୁ ମିଳିଛି ।

# ଦାରିଙ୍ଗବାଡ଼ିରେ ତୁଷାରପାତ ଜାରି

ଦାରିଙ୍ଗବାଡ଼ି, ୧୦।୧(ସମିସ): ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ିରେ ଲଗାତାର ଗୁରୁବାର ଓ ଶୁକ୍ରବାର ତୁଷାରପାତ ହୋଇଥିବା ଦେଖାଯାଇଛି । କିଛି ଦିନ ହେବ ଅଞ୍ଚଳରେ ହାଡ଼ଭଙ୍ଗା ଶୀତ ଅନୁଭୂତି ହେଉଛି । ଜାଡ଼ରେ ଥରୁଛି ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳ । ପ୍ରବଳ ଥଣ୍ଡା କାରଣରୁ ଗ୍ରାମାଞ୍ଚଳରେ ଦିନ ମଜୁରିଆଙ୍କର ଦୁଃଖ ବୃଦ୍ଧି ପାଉଛି । ଅସହ୍ୟ ଥଣ୍ଡା ପାଇଁ ବୟସ୍କ ବ୍ୟକ୍ତି ନିଆଁର ଆଶ୍ରୟ ନେଉଛନ୍ତି । ସେହିପରି ଦିନରେ କହଲା ପାଗ ଜାରି ସହିତ ଶୀତ ଅନୁଭୂତ ହେଉଛି । ଶୁକ୍ରବାର ଦିନ ୯ ଡ଼ିଗ୍ରୀ ତାପମାତ୍ରା ରହିଥିବା ବେଳେ ତୁଷାରପାତ ହୋଇଛି ।

## ଫିରିଙ୍ଗିଆରେ ବୃଦ୍ଧି ପାଉଛି ଅସାମାଜିକ କାର୍ଯ୍ୟ

# କାମ କରୁନି ସିସିଟିଭି, ହେଉନି ପାଟ୍ରୋଲିଂ

ଫିରିଙ୍ଗିଆ, ୧୦।୧(ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଦିନକୁ ଦିନ ଅପରାଧୀକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି । ଶାନ୍ତି ପ୍ରିୟ ଫିରିଙ୍ଗିଆ ବ୍ଲକ ବର୍ତ୍ତମାନ ଗଞ୍ଜେଇର ହବ ପାଲଟିଥିବା ବେଳେ ବିପଥଗାମୀ ହେଉଛନ୍ତି ଶିକ୍ଷିତ ଯୁବକ, ଯୁବତୀ । ଦିନକୁ ଦିନ ଦୁର୍ଘଟଣା, ନିଶା କାରବାର, ଡକାୟତି ଓ ଲୁଟପାଟ ଭଳି ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଯାହାକୁ ନେଇ ସାଧାରଣ ଲୋକେ ବଞ୍ଚିବା କଷ୍ଟକର ହୋଇ ପଡୁଛି । ବିଗତ ଦିନରେ ଦୁଇ ଥର ଥାନା ପୋଡି ଘଟଣା ଘଟିଥିବା ବେଳେ ବର୍ତ୍ତମାନ ମଧ୍ୟ କୌଣସି ପରିବର୍ତ୍ତନ ହୋଇଥିବା ପରିଲକ୍ଷିତ ହେଉନାହିଁ । ଫିରିଙ୍ଗିଆରେ ଚୋରି ଡକାୟତିକୁ ରୋକିବା ପାଇଁ ୧୫ରୁ ଉର୍ଦ୍ଧ୍ୱ ସ୍ଥାନରେ ସିସି କ୍ୟାମେରା ବଜାର ସାରା ଲାଗିଥିବା ବେଳେ ଥାନା




ପୋଡି ଘଟଣା ଘଟିବା ପରେ ତାହା ଅକାମୀ ହୋଇପଡ଼ିଛି । ସିସି କ୍ୟାମେରା ଲାଗିବା ପରେ ଫିରିଙ୍ଗିଆ ବଜାରରେ ଘଟୁଥିବା ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପ ନିୟନ୍ତ୍ରଣ ହୋଇପାରୁଥିଲା । କିନ୍ତୁ ତାହା ଅଚଳ ହେବା ପରେ ମାଫିଆ, ଚୋର, ଡକାୟତ ସକ୍ରିୟ ହୋଇ ପଡ଼ିଥିବା ବେଳେ ପୁଲିସ ନିରବଦ୍ରଷ୍ଟା ସାଜିଛି । କେବଳ ଗଞ୍ଜେଇ ପଛରେ ପୁଲିସ ଗୋଡାଉଥିବା ବେଳେ ବିଭିନ୍ନ ଜାଗା ଅସାମାଜିକଙ୍କ ଆଡା ସ୍ଥଳୀ ପାଲଟିଛି । ମଦ ଗଞ୍ଜେଇ ଚାଲାଣ, ଦ୍ରୁତ ଗତିରେ ଗାଡି ଚଳାଇବା, ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେସବୁକୁ ରୋକିବାରେ ପୁଲିସ ସମ୍ପୂର୍ଣ୍ଣ ବିଫଳ ହେଉଛି । ଅସାମାଜିକଙ୍କୁ ଧରିବାକୁ ପାଟ୍ରୋଲିଂ କଡାକଡି କରିବାକୁ ବିଭିନ୍ନ ସ୍ତରରେ ଦାବି ହେଉଥିଲେ ହେଁ ପୁଲିସ ନିରବ ରହୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ସମୟରେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଜାଗାରେ ଏବଂ ଗାଁ ଗାଁ ରେ ନମ୍ବର ବିହୀନ ଦାମୀ ବାଇକ କାର ବୁଲୁଥିବା ବେଳେ ଗାଡିକୁ ନେଇଁ ସନ୍ଦେହ ସୃଷ୍ଟି ହେଉଛି । ଅଞ୍ଚଳରୁ ବାଇକ ଚୋରି ମଧ୍ୟ

**● ରାତି ଅଧରେ ଚାଲିଛି ଗାଡ଼ିଚୋରି, ଲୁଟ୍‌ପାଟ୍**

ବୃଦ୍ଧି ପାଉଛି । ଫିରିଙ୍ଗିଆ କଲେଜ ନିକଟ ମସାଣିପଦା, କାଳିଆ ସାହି, ପାଲେଣ୍ଡି ରାସ୍ତା ଓ ବଜାରର ଅଧିକାଂଶ ଅଞ୍ଚଳ ମଦ୍ୟପଙ୍କ ଆଡ୍ଡା ସ୍ଥଳୀ ପାଲଟିଥିବା ଅଭିଯୋଗ ହେଉଛି । ଅଞ୍ଚଳବାସୀଙ୍କ ମଧ୍ୟରେ ଭବିଷ୍ୟତ ଯୁବ ପିଢ଼ିକୁ ନେଇ ଅସାମାଜିକ କାର୍ଯ୍ୟକଳାପ ଉପରେ ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀ ।

ଲାଞ୍ଜିଗଡ଼ରୁ ଭାୟା ଫିରିଙ୍ଗିଆ ଦେଇ କଟକ ଯାଉଥିବା ଏକ ଘରୋଇ ବସକୁ ବିଳମ୍ବିତ ରାତିରେ ରାସ୍ତାରେ ଟାଇଆର ଜାକି ଅଟକାଇ ବ୍ଲକ ଛକରୁ ଗୋଛାପଡ଼ା ଆଡକୁ ନେଇ ଯାଉଥିବା ବେଳେ ପୁଲିସ ଖବର ପାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗାଡିକୁ ଆଣି ପୁଣି ଯାତ୍ରୀଙ୍କ ସହ କଟକକୁ ଛାଡ଼ିଥିଲା । ଏହି ଘଟଣା ପାଇଁ ପୁଲିସ ପାଟ୍ରୋଲିଂକୁ ହେଉନଥିବାକୁ ଦୋଷ ଦେଇଛନ୍ତି ଲୋକେ । ଗୋଟାଏ ପଟେ ପୁଲିସ କେବଳ ଗଞ୍ଜେଇ କଟା ଏବଂ ଗଞ୍ଜେଇ ଚାଲାଣକୁ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟ ସମସ୍ୟାକୁ ମଧ୍ୟ ଗୁରତ୍ୱ ଦେବା ସହ ତୁରନ୍ତ ଫିରିଙ୍ଗିଆ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କରିବା ସହ ମଦ୍ୟପ, ଦ୍ରୁତ ଗତିରେ ଗାଡି ଚାଳନା, ନାବାଳକ ଗାଡି ଚାଳନାକୁ ରୋକିବାକୁ ଯାଞ୍ଚ କରିବା ଏବଂ ବଜାର ଅଞ୍ଚଳରେ ଅଚଳ ଥିବା ସିସି କ୍ୟାମେରାକୁ ପୁଣି ଥରେ ସଂଯୋଗ କରିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ଜି.ଉଦୟଗିରି ଲ୍ୟାମ୍ପ୍ସ ସୋସାଇଟିରେ ଖୋଲିଲା ଧାନ ମଣ୍ଡି



ଜି.ଉଦୟଗିରି, ୧୦।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଲ୍ୟାମ୍ପ୍ସ ସମବାୟ ସମିତି ତରଫରୁ ଧାନ ମଣ୍ଡି ଶୁକ୍ରବାର ଖୋଲା ଯାଇଛି । ଏହାକୁ ଲ୍ୟାମ୍ପ୍ସ ସଭାପତି ଜମେସ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ । ଲ୍ୟାମ୍ପ୍ସ ସମିତି ଏମଡି ଶିଶିର କାନ୍ତ ତ୍ରୀପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ ସମାରୋହରେ ନିର୍ଦ୍ଦେଶକ ଯୋଶୀତ ପ୍ରଧାନ, ଦିଲୀପ ବଳ, ବାକିରାମ ନାୟକ, ବିବେକାନନ୍ଦ ପ୍ରଧାନ, ବିଜେପି ନଗର ସଭାପତି ଉଦେଶନ ପ୍ରଧାନ ଏବଂ ମଣ୍ଡି ନୋଡାଲ ଅଫିସର ସତ୍ୟଜିତ ସେଠୀ, ଏସଆରସିଏସ ଗଙ୍ଗାଧର କହଁର ଯୋଗ ଦେଇଥିବା ବେଳେ ହିସାବ ରକ୍ଷକ ପିତାମ୍ବର ସାହୁ, ଧର୍ମରାଜ ପ୍ରଧାନ ଓ ଅକ୍ଷୟ ପାଳ ମାନେ ସହଯୋଗ କରିଥିଲେ । ଏହି ଅବସରରେ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ ।

# ହବାକ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ଜି.ଉଦୟଗିରି, ୧୦।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦଘାଟିତ ହୋଇଛି । ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ଗୋଷ୍ଠୀ ଶିକ୍ଷା ଅଧିକାର ଦିବ୍ୟ ଶଙ୍କର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଛାତ୍ର ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିବା ବେଳେ ଶ୍ରେଷ୍ଠ ଖେଳାଳି ମନୋନୀତ କରାଯାଇଥିଲା । ଖେଳ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣ ପରିଚାଳନା କରିଥିବା ବେଳେ ଶିକ୍ଷକ କେଶବ ପ୍ରଧାନ, ଅରୁଣ ପ୍ରଧାନ, ଡି. ପୂର୍ନଚନ୍ଦ୍ର, ଶିକ୍ଷୟତ୍ରୀ ସୁମିତାରାଣୀ ଜୋସିରା, ମମତା ରାଣୀ ରାଉତ, ଦୀପ୍ତି ମୟୀ ଭୋଇ ଓ ଗୀତାଞ୍ଜଳି ପ୍ରଧାନ ସହଯୋଗ କରିଥିଲେ ।

# ଯାତ୍ରୀ ବିଶ୍ରାମାଗାର, ଗୋଷ୍ଠୀ ଓ ପ୍ରାର୍ଥନା ଗୃହ ଉଦ୍‌ଘାଟିତ



ଦାରିଙ୍ଗବାଡ଼ି, ୧୦।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଦନେକବାଡ଼ି ପଞ୍ଚାୟତର ପ୍ରାର୍ଥନା ଗୃହ, ଯାତ୍ରୀ ବିଶ୍ରାମାଗାର ଏବଂ ଗୋଷ୍ଠୀ ଗୃହ ଉଦଘାଟନ ହୋଇଛି । ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଦନେକ୍ ବାଡ଼ି ସରପଞ୍ଚ ନଞ୍ଜୟ ପ୍ରଧାନ, ସମିତିସଭ୍ୟା ବିନିତା ପ୍ରଧାନ ଓ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ଥିଲେ । ଦନେକବାଡ଼ିରେ ଯାତ୍ରୀ ବିଶ୍ରାମାଗାର ଏବଂ ଗୋଷ୍ଠୀ ଗୃହ ଉଦଘାଟନ ହୋଇଥିବା ବେଳେ କୁପିବାଡ଼ି ଗ୍ରାମରେ ପ୍ରାର୍ଥନା ଗୃହର ଶୁଭ ଉଦଘାଟନ ହୋଇଯାଇଛି । କାର୍ଯ୍ୟକ୍ରମରେ ସମିତି ସଭ୍ୟ କାଳୀ ପ୍ରସାଦ ମଲ୍ଲିକ, ଦୀପକ କୁମାର ସାହୁ ଓ ପୂର୍ବତନ ସରପଞ୍ଚ ଜୁନସ ପ୍ରଧାନ ଯୋଗ ଦେଇଥିଲେ ।

# ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ଶିଶୁମନ୍ଦିର ଛାତ୍ରୀ ସମ୍ମାନିତ

ପାରଳାଖେମୁଣ୍ଡି, ୧୦।୧(ସମିସ): ଭୋପାଳରେ ଗତ ୩ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରୀ ବର୍ଷିତା ଦାସ ସମ୍ମାନିତ ହୋଇଛନ୍ତି । ସେ ଉକ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ତଥା ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରଦ୍ଧାମୟୀ ପାତ୍ରୀଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବର୍ଷିତାଙ୍କ ପ୍ରକଳ୍ପର ଶୀର୍ଷକ ଥିଲା ‘ଗୃହପାଳିତ ପଶୁର ଯତ୍ନ ତଥା ପରିବାର ବର୍ଗଙ୍କ ଉପରେ ଏହାର ପ୍ରଭାବ’ । ୩୧ତମ ଜାତୀୟ ବିଜ୍ଞାନ କଂଗ୍ରେସ୨୦୨୪-୨୫ରେ ଯୋଗଦେଇ ବର୍ଷିତା ଦାସ ଜିଲ୍ଲା ପାଇଁ




ଖ୍ୟାତି ଅର୍ଜନ କରିଛନ୍ତି । ସେ ଏବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଶମ ଶ୍ରେଣୀର ଛାତ୍ରୀ । ପାରଳାଖେମୁଣ୍ଡିର ଜଣାଶୁଣା ସମାଜସେବୀ ମନୋଜ କୁମାର ଦାସ ଓ ଶିକ୍ଷୟିତ୍ରୀ କବିତା ପଣ୍ଡାଙ୍କ ସେ କନ୍ୟା । ବର୍ଷିତାଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସରୋଜ କୁମାର ପଣ୍ଡା ତଥା ଅନ୍ୟ ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି ।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



ରାଇକିଆ, ୧୦।୧(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ସଭା ଗୃହରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ମଧ୍ୟ ସ୍ଥିର କରାଯାଇଥିଲା । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ କାର୍ଯ୍ୟକ୍ରମ ପାଇଁ ସବ କମିଟି ଗଠନ କରି ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାମକୃଷ୍ଣ ବେହେରା, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ଅତିରିକ୍ତ ତହସିଲଦାର ଦିଲିପ ବେହେରା, ଅଗ୍ନିଶମ ବିଭାଗ ଅଫିସର ଦିଲୀପ ପଲାଇ, ଲୋକ ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ଜି.ଉଦୟଗିରି, ୧୦।୧(ସମିସ): ଉପଖଣ୍ଡସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଉପଜିଲ୍ଲାପାଳ ମନୋଜ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ତହସିଲଦାର ରଞ୍ଜନ କୁମାର ସାହୁ, ସ୍ଥାନୀୟ ଏସଡିପିଓ ବିଜୟ କୁମାର ବିଶି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଦେବବ୍ରତ ବାରିକ, ଏସିଏଫ କାଜଲ କୁମାରୀ ନାୟକ, ଏସ ଆଇ କାମରାଜ ରେଡ୍ଡୀ, ସ୍ଥାନୀୟ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ରାଉତରାୟ, ଅଗ୍ନିଶମ ଅଧିକାରୀ ଶିବରାମ ବିଶ୍ୱାଳ, ଇନ୍ଦିରା ପ୍ରିୟଦର୍ଶିନୀ ମାଧ୍ୟମିକ



ମହିଳା ବିଦ୍ୟାଳୟ ଅଧ୍ୟକ୍ଷ ଶିବରାମ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟକୁମାର ମିଶ୍ର ହବାକ୍ ଉଚ୍ଚବିଦ୍ୟାଳୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଳୟ ନାୟକ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ସମସ୍ତ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଶିକ୍ଷୟ ଉପସ୍ଥିତ ରହିଥିଲେ । ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ଏବଂ ଚଳିତ ବର୍ଷ ଭଲଭାବେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ ସେ ନେଇ ପ୍ରସ୍ତୁତି ବୈଠକରେ ସମସ୍ତଙ୍କ ମତାମତ ଅନୁସାରେ ନିଷ୍ପତ୍ତି ନିଆଯାଇଥିଲା ।

# ବନାଗ୍ନି ନିରାକରଣ ସଚେତନତା ଶିବିର



କ.ନୂଆଗାଁ, ୧୦।୧(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ବନ୍ୟାଞ୍ଚଳ ବନାଧିକାରୀଙ୍କ କାର୍ଯ୍ୟାଳୟରେ ବନ୍ୟାଞ୍ଚଳ ବନାଗ୍ନି ନିରାକରଣ ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକ ଚକ୍ରମଣି କହଁର, ସମ୍ମାନନିତ ଅତିଥି ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ବରେଣ୍ୟ ଅତିଥି ଉପଖଣ୍ଡ ବନାଧିକାରୀ ଯୋଗ ଦେଇଥିଲେ । ବନାଧିକାରୀ ରମାକାନ୍ତ କହଁର, ଉପଖଣ୍ଡ ବନାଧିକାରୀ ବିଶ୍ୱନାଥ ପଣ୍ଡା, ସାରଙ୍ଗଡ଼ ସରପଞ୍ଚ ବରୁଣ କହଁର, ବ୍ଲକ ଅଧ୍ୟକ୍ଷା ସୋଲଚନା ଦଳବେହେରା, ବଣ୍ଡଗୁଡା ସରପଞ୍ଚ ସଞ୍ଜୟ ପ୍ରଧାନ, କଡୁତୁଲୀ ସରପଞ୍ଚ ଓ ସମସ୍ତ ସମିତିସଭ୍ୟ ବକ୍ତବ୍ୟ ରଖି ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ । ବେଲଘର ବନାଧିକାରୀ ଡି.ସୁବାଷ ଜଙ୍ଗଲର ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ । ଉକ୍ତ ଶିବିରରେ ବନାପାଳ ସନ୍ତୋଷ କୁମାର ସେନାପତି, ସୁଶାନ୍ତ ବିଶ୍ରବା, ବନରକ୍ଷୀ ଧର୍ମେନ୍ଦ୍ର ଡିଗଲ, ପୁରପିଗା ମଲିକ, ସୁବ୍ରତ ଡାକୁଆ, ଅରୁଣ ଡାକୁଆ (ଡିଓ), ସୁଦର୍ଶନ ବେହେରା, ସୁଜିତ ସାହୁ, ବିରୁପାକ୍ଷ କହଁର, ବ୍ରଜେନ୍ଦ୍ର ପାତ୍ର, ବିଜୟପୂଜାରୀ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

# ରାୟଗଡ଼ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ରାୟଗଡ଼, ୧୦।୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚାୟତ ସମିତି ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ସୁଧୀର କୁମାର ସିଂ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ତହସିଲଦାର ସୁକାନ୍ତ ପ୍ରଧାନ, ସିଡିପିଓ ବି. କୋମଳାଙ୍ଗୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଓ ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ । ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଘଟାଇବା ଏହି ଶିବିରରେ ମୁଖ୍ୟ ଲକ୍ଷ୍ୟ । ୭୦୫ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୧୭୦ ଜଣ, କର୍ଣ୍ଣ ବଧିରରେ ୧୧୯ ଜଣ, ଚକ୍ଷୁରେ ୮୪ ଜଣ ଓ ବିଭିନ୍ନ ବିଭାଗର ୨୮୩ ଜଣଙ୍କୁ ସୁବିଧା ସୁଯୋଗ ଦିଆଯାଇଥିଲା । ଏଥିରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶାନ୍ତନୁ ପାଢ଼ି, ଚକ୍ଷୁ ବିଶେଷଜ୍ଞ ଡା.ଚନ୍ଦନ କୁମାର ମେକାପ, ବିଭୁ କଲ୍ୟାଣ ସାହୁ ଓ ସି.ଆର୍ ପଟ୍ଟନାୟକ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣି ନମିତା ଚାନ୍ଦ ନାୟକ ପରିଚାଳନା କରିଥିବା ବେଳେ କନିଷ୍ଠ କିରାଣୀ ଚନ୍ଦନ ପାଣି ଓ ପେଷା ସଂଯୋଜକ ଶ୍ରୀଧର ଦାସ ସହଯୋଗ କରିଥିଲେ ।

# ସଂଯୁକ୍ତ କୃଷକ ମୋର୍ଚ୍ଚାର ବିକ୍ଷୋଭ

ପାରଳାଖେମୁଣ୍ଡି, ୧୦।୧(ସମିସ)

ଅଦିନିଆ ବର୍ଷାରେ ଫସଲ ନଷ୍ଟ ଲାଗି ମୃତ୍ୟୁ ହୋଇଥିବା କୃଷକ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ଫସଲ କ୍ଷତି ପାଇଁ ଚାଷୀ/ଭାଗଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା, ଆବଶ୍ୟକ ଅନୁଯାୟୀ ମଣ୍ଡି ଖୋଲିବା, କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଚାଷୀର ସବୁ ଧାନ କ୍ରୟ କରିବା ଏବଂ କୃଷକଙ୍କ ଋଣଛାଡ଼ ଇତ୍ୟାଦି ଦାବି ନେଇ ଶୁକ୍ରବାର ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ଏକ ୫ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ସରକାର ଅବିଳମ୍ବେ କୃଷକମାନଙ୍କ ଦାବି ପ୍ରତି ସମ୍ବେଦନଶୀଳ ହୋଇ ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ କୁହାଯାଇଛି । ଅଦିନିଆ ବର୍ଷା ଜନିତ ଫସଲ କ୍ଷତି କାରଣରୁ ପ୍ରତିଦିନ କୃଷକ ଆତ୍ମହତ୍ୟା କରୁଥିବା ବେଳେ ରାଜ୍ୟ




ସରକାର ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରି ଲୋକଙ୍କ ଟିକସ ଅର୍ଥରୁ ୧୨୫ କୋଟି ଟଙ୍କା ଖର୍ଚ୍ଚ କରିବା ଚାଷୀଙ୍କ ଦୁର୍ଦ୍ଦଶା ପ୍ରତି ନିଷ୍ଠୁର ଉପହାସ ଏବଂ କଟା ଘା’ରେ ଚୂନ ଦେବା’ ସଦୃଶ୍ୟ ହୋଇଛି ବୋଲି ସଂଯୁକ୍ତ କୃଷକ ମୋର୍ଚ୍ଚା କହିଛି । ଆଜିକାର ଏହି ଆନ୍ଦୋଳନରେ ଅଖିଳ ଭାରତ କିଶାନ୍ ମଜଦୂର ସଭା (ଏଆଇକେଏମଏସ୍) ପକ୍ଷରୁ କେଦାର ଶବର, ସୁମ୍ବାରା ଶବର, କାଡୁକା ଶବର, ଜୁନେସ ମେଦି, ଓଡ଼ିଶା କୃଷକ ସଭା ପକ୍ଷରୁ ଏମ୍ ବାଙ୍ଗାରି, ମୋହିତ ମିଶାଲ, ଏଆଇଏକେଏସ୍ ପକ୍ଷରୁ ପି ମୁରଲି, ଗଜପତି ଜିଲ୍ଲା ରୟତ କୁଲି ରୟତ ସଂଘ ପକ୍ଷରୁ ରକମ୍ ଲୋକନାଥାମ୍ ଓ ବିକେଏମୟୁ ପକ୍ଷରୁ ଜନା ସୁବାଷ ଚନ୍ଦ୍ର ପ୍ରମୁଖ ବହୁ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ । ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ସମ୍ବଳିତ ସ୍ମାରକ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟିତ

ରାୟଗଡ଼, ୧୦।୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଗଣ୍ଡାହାତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ କ୍ୟାମ୍ପୋରୀ ଶୁକ୍ରବାର ଉଦଘାଟିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ବିଜୟ କୁମାର ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡିଏଫ୍ଓ ଏସ୍. ଆନନ୍ଦ, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଏବିଇଓ ଏସ୍. ପାପା ରାଓ, ଜିଲ୍ଲା ସ୍କାଉଟ କମିଶନର ପ୍ରଫୁଲ କୁମାର ମହାନ୍ତି ଓ ଜିଲ୍ଲା ଗାଇଡ୍ କମିଶନର ଏସ୍.ମଣିମାଳା ମଞ୍ଚାସୀନ ଥିଲେ । ଉତ୍ତମ ଚରିତ୍ର ଗଠନ ଏବଂ ସେବା ମନୋବୃତ୍ତି ଜାଗ୍ରତ ଭାରତ ସ୍କାଉଟ ଗାଇଡର ମୂଳ ଲକ୍ଷ୍ୟ, ଭାରତ ସ୍କାଉଟ ଓ ଗାଇଡ ଏକ ସର୍ବବୃହତ ସ୍ୱେଚ୍ଛାସେବୀ ସଂଗଠନ ଭାବରେ ବିଶ୍ୱରେ ପରିଚିତ । ଦେଶର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଏକ ଉତ୍ତମ ନାଗରିକ ଗଠନ କରି ତାହା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବାକୁ ଏହା ଚେଷ୍ଟା କରିଥାଏ ବୋଲି ମଞ୍ଚାସୀନ ଅତିଥି ବକ୍ତବ୍ୟରେ କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୩୦୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି ।



ତିନିଦିନ ଧରି ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମକୁ ଭାରତ ସ୍କାଉଟ୍ ଓ ଗାଇଡ୍ ଆବାହକ ସୁରେନ୍ଦ୍ର କୁମାର ପାତ୍ର ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌମ୍ୟ ରଞ୍ଜନ ସାହୁ ପରିଚାଳନା କରିଥିଲେ ।

## ବାଇକ ସହ ଗଞ୍ଜେଇ ଜବତ; ଜଣେ ଗିରଫ

**ଦିଗପହଣ୍ଡି, ୧୦।୧(ସମିସ):** ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟରୁ ଗୁରୁବାର ଅବକାରୀ ବିଭାଗ କର୍ମଚାରୀ ଗଜପତି ଜିଲ୍ଲା ମୋହନା ଥାନା କିର୍ଡିଗି ଗ୍ରାମର ଜିତେନ୍ଦ୍ର ପାଇକଙ୍କ ଠାରୁ ବାଇକ ସହ ୭ କେଜି ଗଞ୍ଜେଇ ଜବତ କରିଥିଲେ। ଦିଗପହଣ୍ଡି ଅବକାରୀ ଏସଆଇ ଅନୀତା ପ୍ରଧାନ ଜିତେନ୍ଦ୍ରଙ୍କୁ ଶୁକ୍ରବାର ବ୍ରହ୍ମପୁର ଜିଲ୍ଲା ଦୌରା ଜଜ୍ କୋର୍ଟଚାଲାଣ କରିଛନ୍ତି। ଅବକାରୀ ମାମଲା ନଂ.୧୮୧/୨୪-୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ଏକ ବାଇକ ନଂ.ଓଆର ୦୭ ଟି -୫୦୪୩ ଯୋଗେ ଗଞ୍ଜେଇ ନେଇ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଧରାପଡ଼ିଥିଲେ। ତାଙ୍କୁ ଅଟକାଇ ଖାନତଲାସ କରିବାରୁ ତାଙ୍କ ବ୍ୟାଗରେ ୭ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହି ଚଢ଼ଉରେ ଅବକାରୀ ଏସଆଇ ଏନ୍. ତ୍ରିପତି, କନେଷ୍ଟବଳ ନୀର ବେହେରା, ଆଲଫଲତା ସାହୁ ସାମିଲ ଥିଲେ।



## ଦୋକାନ ଭାଙ୍ଗି ଟଙ୍କା ସହ ମୋବାଇଲ୍ ଚୋରି

**ପୁରୁଷୋତ୍ତମପୁର, ୧୦।୧(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସମା ଗ୍ରାମରେ ଗୁରବାର୍ ବିଳମ୍ବିତ ରାତିରେ ବୈଦ୍ୟୁତିକ ସରଞ୍ଜାମ ଦୋକାନରୁ ଦୁଇ ଲକ୍ଷ ଟଙ୍କା ସହ ୧୦ଟି ମୋବାଇଲ ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ଦୋକାନ ମାଲିକ ଦେବହରି ପ୍ରଧାନ ପୁରୁଷୋତ୍ତମପୁର ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଦୋକାନ ମାଲିକ ଦେବହରି ସବୁ ଦିନ ପରି ଗୁରୁବାର ରାତିରେ ଦୋକାନ ବନ୍ଦ କରି ନିଜ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଦୋକାନ ଘରର ଟିଣ ଭାଙ୍ଗି ଦୁଇ ଲକ୍ଷ ଟଙ୍କା ସହ ୧୦ଟି ମୋବାଇଲ ଚୋରି କରିବା ସହ କମ୍ପ୍ୟୁଟର ଭାଙ୍ଗିଦେଇଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜାତୀୟ ରାଜପଥରୁ ବିପୁଳ ବୋମା ଜବତ

**ବ୍ରହ୍ମପୁର, ୧୦।୧(ସମିସ):** ସ୍ଥାନୀୟ ଖଜୁରିଆ ଜାତୀୟ ରାଜପଥରୁ ବିପୁଳ ପରିମାଣରେ ଜୀବନ୍ତ ବୋମା ଜବତ ହୋଇଛି। ଏହାକୁ ନିଷ୍କ୍ରିୟ କରାଯିବାକୁ ପ୍ରଚେଷ୍ଟା ଜାରି ରହିଛି। ଏନେଇ ବୌଦ୍ଧରୁ ଆସିଥିବା ବୋମା ନିଷ୍କ୍ରିୟ ଟିମ ଓ ବ୍ରହ୍ମପୁର ପୁଲିସ ସହଯୋଗରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ସୂଚନା ପ୍ରକାରେ ଗତକାଲି ଖଜୁରିଆରେ ତଷୁ ଭିତରେ କିଛି ଦୁର୍ବୃତ୍ତ ପ୍ରାୟ ୪୦ରୁ ଅଧିକ ବୋମା ପୁଲିସ ଜବତ କରିଥିଲା। ଏହାକୁ ଆଜି ନିଷ୍କ୍ରିୟ କରାଯିବାକୁ ଉଦ୍ୟମ କରାଯାଉଛି।

## ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର, ୧୦।୧(ସମିସ):** ବଡ଼ବଜାର ଥାନା ଅନ୍ତର୍ଗତ ଧୋବା ବନ୍ଧ ହୁଡ଼ାରେ ଥିବା ଏକ ଆପାର୍ଟମେଣ୍ଟରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାମ ସାହୁ (୪୨)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି

## ଦୁଇ ପଞ୍ଚାୟତରେ ଖୋଲିଲା ଧାନମଣ୍ଡି



**ସାନଖେମୁଣ୍ଡି, ୧୦।୧(ସମିସ):** ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତର ଖଲିଙ୍ଗି ଗ୍ରାମରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏରିଆ ଅଫିସର ଶିବାନନ୍ଦ ବେହେରାଙ୍କ ଉପସ୍ଥିତିରେ ଟୋକେନ୍ ପାଇଥିବା ଚାଷୀ ସରକାରୀ ମଣ୍ଡିକୁ ଧାନ ବିକ୍ରି କରିଛନ୍ତି। କାର୍ଯ୍ୟକ୍ରରେ ଆସିକା ସମବାୟ କେନ୍ଦ୍ର ନିର୍ଦ୍ଦେଶକ ନାରସୁ ପ୍ରଧାନ, ଖଲିଙ୍ଗି ସେବା ସମବାୟ ସମ୍ପାଦକ କାମ ଦେବ ବରାଡ, ଖଲିଙ୍ଗି ସେବା ସମବାୟ ସମ୍ପାଦକ ଶିବରାମ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ସାହାସପୁର୍ ପଞ୍ଚାୟତର ହାଟପଦା ଗ୍ରାମରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ସାହାସପୁର ସେବା ସମବାୟ ସମ୍ପାଦକ କୈଳାଶ ପାତ୍ର, ସାହାସପୁର ସେବା ସମବାୟ ସମ୍ପାଦକ ନାରାୟଣ ରାଉଳ, ସରପଞ୍ଚ ସୁଶାନ୍ତ ସେଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଖୁବ୍‌ଶୀଘ୍ର ଗେଟ୍‌ବଜାର ଫ୍ଲାଏଓଭର୍ ନିର୍ମାଣ

**ବ୍ରହ୍ମପୁର, ୧୦।୧(ସମିସ):**

କ୍ରମବର୍ଦ୍ଧିଷ୍ଣୁ ବ୍ରହ୍ମପୁର ସହରର ବିଭିନ୍ନ ସମସ୍ୟା ମଧ୍ୟରେ ଟ୍ରାଫିକ ସମସ୍ୟା ହେଉଛି ଅନ୍ୟତମ। ଅଣଓସାରିଆ ରାସ୍ତାଘାଟ ଓ ବୃଦ୍ଧି ପାଉଥିବା ଯାନବାହାନ ସଂଖ୍ୟା ଯୋଗୁଁ ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଏହି ସମସ୍ୟା। ଯାହାର ସ୍ଥାୟୀ ସମାଧାନ ପାଇଁ ସହର ବାହାରେ ଏକ ରିଂ ରୋଡ ସହିତ ଏକାଧିକ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଏକମାତ୍ର ବିକଳ୍ପ। ଯାହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସହର ବାହାରେ ଏକ ରିଂ ରୋଡ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଏକାଧିକ ଫ୍ଲାଏ ଓଭରବ୍ରିଜ ପାଇଁ ଦାବି ରହିଛି। ସେଥିମଧ୍ୟରୁ ଗେଟବଜାର ଛକରେ ଏକ ଫ୍ଲାଏ ଓଭରବ୍ରିଜ ପାଇଁ ସରକାରୀ ଅନୁମୋଦନ ମିଳିସାରିଛି। ବିଳମ୍ବରେ ହେଲେ ମଧ୍ୟ ବହୁ ପ୍ରତିକ୍ଷିତ ଗେଟବଜାର ଓଭରବ୍ରିଜ ନିର୍ମାଣ ପାଇଁ ପଥ ସୁଗମ ହୋଇଛି। ଏଥିପାଇଁ ଟେଣ୍ଡର ଶେଷ ହୋଇ ସାରିଥିବା ବେଳେ ଓବିସିସି ବା ଓଡ଼ିଶା ବ୍ରିଜ ନିର୍ମାଣ ନିଗମକୁ ଏହି ନିର୍ମାଣ ଦାୟିତ୍ୱ ମିଳିଥିବା ଜଣାପଡ଼ିଛି। ଆସ୍କାରୋଡ ରେଡ୍ଡି ଗେରେଜ ଠାରୁ ସିଟି ହସ୍ପିଟାଲ ପର୍ଯ୍ୟନ୍ତ ପ୍ରାୟ ୧୧୩୬ ମିଟର ଦୂରତା ବିଶିଷ୍ଟ ଏକ ଓଭରବ୍ରିଜ ନିର୍ମାଣ କରାଯିବ। ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ସୁବିଧା ପାଇଁ ସର୍ଭିସ ରୋଡ ରହିବ। ପ୍ରସ୍ତାବିତ ଓଭରବ୍ରିଜରେ ମୋଟ ୩୩ଟି ପିଲର ନିର୍ମାଣ ହେବାକୁ ଥିବା ବେଳେ ଏଥିପାଇଁ ନିର୍ଦ୍ଧାରିତ ୩୩ଟି ସ୍ଥାନର ସଏଲ ଟେଷ୍ଟିଂ ବା ମୃତ୍ତିକା ପରୀକ୍ଷଣ କରାଯିବ। ଏଥିପାଇଁ ଓବିସିସି

> **ବ୍ରିଜ୍ ପାଇଁ ମୃତ୍ତିକା ପରୀକ୍ଷଣ ଆରମ୍ଭ**
>
> **୧୧୩୬ ମିଟର ଓଭର ବ୍ରିଜର ନିର୍ମାଣ କାର୍ଯ୍ୟ ହାତକୁ ନେଇଛି ଓବିସିସି, ବିନିଯୋଗ ହେବ ୧୧୫କୋଟି**
>
> **ମୋଟ ୩୩ଟି ପିଲର ମଧ୍ୟରୁ ୯ଟିର ଶେଷ ହୋଇଛି ସଫଳ ମୃତ୍ତିକା ପରୀକ୍ଷଣ**
>
> **ସଏଲ ଟେଷ୍ଟିଂ ପରେ ଡିଜାଇନ ପ୍ରସ୍ତୁତ ସହ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ**

ପକ୍ଷରୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏଲ.ଏନ୍. କନସଲଟାନ୍ସିକୁ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ନିର୍ଦ୍ଧାରିତ ଦୂରତାରେ ମୋଟ ୩୩ଟି ପିଲର ମଧ୍ୟରୁ ୯ଟି ସ୍ଥାନରେ ସଫଳ ମୃତ୍ତିକା ପରୀକ୍ଷଣ କରାଯାଇଥିବା



ଜଣାପଡ଼ିଛି। ଯେତେଶୀଘ୍ର ସମ୍ଭବ ଏହି କାର୍ଯ୍ୟକୁ ସମ୍ପାଦନ କରାଯିବା ପରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଡିଜାଇନ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଛନ୍ତି ଓବିସିସିର ମହାପ୍ରବନ୍ଧକ ଇଂ. ପ୍ରଭାତ ପାଣିଗ୍ରାହୀ। ଓଭରବ୍ରିଜ ନିର୍ମାଣ ପାଇଁ ବ୍ୟୟ ଅଟକଳ ହୋଇଥିବା ମୋଟ ୧୧୫କୋଟି ମଧ୍ୟରୁ ୭୫କୋଟି ଟଙ୍କା ନିର୍ମାଣ କାର୍ଯ୍ୟ ପାଇଁ ସ୍ଥିରୀକୃତ ହୋଇଥିବା ବେଳେ ଅବଶିଷ୍ଟ ଅର୍ଥ ବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ ବାବଦରେ ବ୍ୟୟ କରାଯିବ ବୋଲି ସୂଚନା ମିଳିଛି। ଡିଜାଇନ ଚୂଡାନ୍ତ ହେବାପରେ ଆରମ୍ଭ ହେବ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ।

ଏହି ଓଭରବ୍ରିଜ କାର୍ଯ୍ୟକାରୀ ହେଲେ ଏହା ସହରର ୬ଷ୍ଠ ଓଭରବ୍ରିଜ ହେବ। ଏହା ଦ୍ୱାରା ସହର ମଧ୍ୟଦେଇ ଗତି କରୁଥିବା ୫୯ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟାର ଅନେକ ସମାଧାନ ହୋଇପାରିବ ବୋଲି ଆଶା କରାଯାଇଛି। ଗେଟବଜାର ଓଭରବ୍ରିଜ ସମେତ ସହର ମଧ୍ୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଠାରୁ ରେଳଷ୍ଟେସନ ପର୍ଯ୍ୟନ୍ତ ଆଉ ଏକ ଓଭରବ୍ରିଜ ପାଇଁ ଦିର୍ଘ ଦିନରୁ ଦାବି ରହିଛି। ଏଥିପାଇଁ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ସାଂସଦ ଚନ୍ଦ୍ରଶେଖର ସାହୁ ଦାବି କରି ଆସୁଥିଲେ। ବର୍ତ୍ତମାନ ବିଳମ୍ବରେ ହେଲେ ମଧ୍ୟ ଗେଟବଜାର ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଯେତେଶୀଘ୍ର ଶେଷ ହେବ ସହରବାସୀ ଉପକୃତ ହୋଇପାରିବେ ବୋଲି ଉଭୟ ନେତା ମତବ୍ୟକ୍ତ କରିଛନ୍ତି। ସେପଟେ ବ୍ରହ୍ମପୁରବାସୀଙ୍କ ଦିର୍ଘ ଦିନର ଦାବି ତଥା ବହୁ ପ୍ରତିକ୍ଷିତ ଗେଟବଜାର ଓଭରବ୍ରିଜ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଯେତେଶୀଘ୍ର ସମ୍ଭବ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକାର୍ପଣ କରାଯିବ। ଏହା ଦ୍ୱାରା କେବଳ ସହରବାସୀ ନୁହଁନ୍ତି ବରଂ ସହରକୁ ଆସୁଥିବା ବିଭିନ୍ନ ଜିଲ୍ଲାର ଲୋକେ ଉପକୃତ ହୋଇପାରିବେ ବୋଲି କହିଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର। ସହରର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ତାଙ୍କର ପ୍ରାଥମିକତା ବୋଲି ସେ କହିଛନ୍ତି।

● କଲେମା ଗାଁରେ ସ୍ତ୍ରୀ ହତ୍ୟା ଘଟଣା

## ସ୍ୱାମୀ, ଦ୍ୱିତୀୟ ପତ୍ନୀ ଓ ପୁତୁରା ଗିରଫ

**ମୋହନା, ୧୦।୧(ସମିସ):** ଗଜପତି ଜିଲ୍ଲା ଅଡବା ଥାନା କଲେମା ଗାଁରେ ଲାଲି ଓରଫ ଲକ୍ଷେହୀର ନାୟକ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ୩ ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ମୃତ ଲକ୍ଷେହୀରଙ୍କ ସ୍ୱାମୀ ଧର୍ମେନ୍ଦ୍ର ନାୟକ(୩୮), ଦ୍ୱିତୀୟ ପତ୍ନୀ ପୂର୍ଣ୍ଣବାସୀ ନାୟକ (୩୦) ଓ ପୁତୁରା କର୍ଣ୍ଣ ନାୟକ(୨୦)। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଗଜପତି ଏସପି ଯତୀନ୍ ପଣ୍ଡା। ପାରିବାରିକ ଅଶାନ୍ତି ଓ ଦ୍ୱିତୀୟ ବିବାହକୁ ବିରୋଧ କରିବାରୁ ଏହି ହତ୍ୟା ଘଟିଥିବା ଏସପି ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଧର୍ମେନ୍ଦ୍ର ୧୫ ବର୍ଷ ତଳେ ପ୍ରଥମେ ଲକ୍ଷେହୀରଙ୍କୁ ବିବାହ କରିଥିଲେ। ଏହାପରେ ୪ ବର୍ଷ ତଳେ ପୁଣି ବ୍ରହ୍ମପୁର ଲୋଚାପଡ଼ା ଅଞ୍ଚଳର ପୂର୍ଣ୍ଣବାସୀ ନାୟକ ନାମକ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ ଧର୍ମେନ୍ଦ୍ର। ଏହାକୁ ନେଇ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏଥିପାଇଁ ବହୁବାର ଥାନାରେ ଅଭିଯୋଗ ହୋଇଥିବା ବେଳେ ଅପୋସ ବୁଝାବଣାରେ ଥିଲେ। ତେବେ ପ୍ରଥମ ପତ୍ନୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲା ଧର୍ମେନ୍ଦ୍ର। ଗତ ୩ ତାରିଖ ଦିନ ଲାଲି ଓ ସେହି ଗାଁରେ ବିବାହ କରିଥିବା ତାଙ୍କ ଭଉଣୀ ସହ ଗାଁ ନିକଟସ୍ଥ ବଗଡ଼କୁ କାମ କରିବାକୁ ଯାଇଥିଲେ। ସେହିଦିନ ଧର୍ମନ୍ଦ୍ରେ, ତାଙ୍କ ପୁତୁରା କର୍ଣ୍ଣ ଲାଲିଙ୍କୁ ଏକ ମାରଣାସ୍ତ୍ରରେ ଓ ପଥରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଲାଲିଙ୍କ ମୃତ୍ୟୁ ଘଟିଥିଲା। ମୃତଦେହକୁ ପାହାଡ ତଳେ ଥିବା ଏକ ନାଳର ପଥର କୋରଡରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ ସେମାନେ। ଏଥିରେ ଧର୍ମେନ୍ଦ୍ରଙ୍କ ଦ୍ୱିତୀୟ ପତ୍ନୀ ପୂର୍ଣ୍ଣବାସୀ ସହଯୋଗ କରିଥିଲେ। ତେବେ ଲାଲି ଓରଫ ଲକ୍ଷେହୀର ସେଦିନ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ଖୋଜିଥିଲେ। ୫ ତାରିଖ ଦିନ ଏନେଇ ଅଡବା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଲାଲିଙ୍କ ଭାଇ ମୋହିତ ନାୟକ। ପୁଲିସ କଲେମା ଗାଁର ଏକ ପାହାଡ ତଳେ ଥିବା ପଥର କୋରଡରୁ ଲାଲିଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହା ପରଠାରୁ ସ୍ୱାମୀ ଧର୍ମେନ୍ଦ୍ର ଫେରାର ଥିଲା। ସୋମବାର ବିଳମ୍ବିତ ରାତିରେ ପୁଲିସ୍ ଧର୍ମେନ୍ଦ୍ରକୁ ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଞ୍ଚଳରୁ କାବୁ କରିଥିଲା। ମାମଲା ରୁଜୁ କରି ତଦନ୍ତ କରିଥିଲେ ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ ପଣ୍ଡା। ତଦନ୍ତ ପରେ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଓ ପଥର ଜବତ ହୋଇଛି। ଏହି ହତ୍ୟା ଘଟଣା ଯଦି ଆଉ କାହାର ସମ୍ପୃକ୍ତି ରହିଛି ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଓ ଅଡବା ଥାନା ଅଧିକାରୀ ଉପସ୍ଥିତ ଥିଲେ।



## ବୁଲା ପଶୁଙ୍କୁ ନିୟନ୍ତ୍ରଣ ଲାଗି ବିଇଏମ୍‌ସିରେ ବୈଠକ

**ବ୍ରହ୍ମପୁର, ୧୦।୧(ସମିସ):** ବ୍ରହ୍ମପୁର ମହାନଗର ନିଗମ ତତଫରୁ ମେୟର ସଂଘମିତ୍ରା ଦଳାଇଙ୍କ ସଭାପତିତ୍ୱରେ ତାଙ୍କ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୁଲାପଶୁଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଛି। ବୁଲା ଗାଈଗୋରୁଙ୍କ ଦ୍ୱାରା ରାସ୍ତା ଅବରୋଧ, ବୁଲା କୁକୁରଙ୍କ ପ୍ରାଦୁର୍ଭାବ, ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯିବା ସହ କୁକୁର ପ୍ରଜନନ ନିୟନ୍ତ୍ରଣ ନେଇ ଆଲୋଚନା ହୋଇଚି। ଆସନ୍ତା ଦିନରେ ରାସ୍ତାରେ ଗାଈ ବୁଲୁଥିବା ଦେଖିଲେ ବିଇଏମସି ଟିମ କାବୁ କରିବା ସହିତ ଏମାନଙ୍କୁ ସାମୟିକ ଥଇଥାନ କରିବା ଲାଗି ମଧ୍ୟ ନିଷ୍ପତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିଗମର ବିଇଏମସି ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା, ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ବିଶେଷଜ୍ଞ ଡ. ସତ୍ୟନାରାୟଣ କର, ଡ ସୋମିକ୍ ସ୍ୱାଇଁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ଡୁଙ୍ଗୁ, କନିଷ୍ଠ ଯନ୍ତ୍ରୀ ଇଂ. ସୃତିକା କୁମାରୀ ପାତ୍ର, ବିଦ୍ୟୁତ୍ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ର, ସାନିଟାରୀ ଇନ୍ସପେକ୍ଟର ଏ. ମୁରଲୀ କ୍ରିଷ୍ଣା, ଏସପିସିଏ ତଥା ମହାନଗର ନିଗମ ଏବିସି କମିଟି ସଦସ୍ୟ ଲଲାଟେନ୍ଦୁ ଚୌଧୁରୀଙ୍କ ସମେତ ବିଇଏମ୍‌ସିର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ମୋବାଇଲ୍ ଲୁଟ ଘଟଣାରେ ୩ କୋର୍ଟଚାଲାଣ

**ବ୍ରହ୍ମପୁର, ୧୦।୧(ସମିସ):** ଜଣେ ଯୁବକଙ୍କ ମୋବାଇଲ ଲୁଟ ଘଟଣାରେ ବଡ଼ ବଜାର ଥାନା ପୁଲିସ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସଆଇ ରଞ୍ଜିତ ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଭଞ୍ଜନଗର ଜମାପଲ୍ଲୀର ଏମ, ଅନୀଲ (୨୨), ଏମ ରାଜୁ (୩୯), ଏ ପାଉଲୁ(୨୦)। ଏମାନଙ୍କ ନିକଟରୁ ୧୦ଟି ମୋବାଇଲ ଓ ଏକ ବାଇକ ଜବତ କରିଛି। ସୂଚନାଯୋଗ୍ୟ ଯେ, ତ୍ରିବେଣୀ ନଗରର ରମେଶ ଚନ୍ଦ୍ର ମହାରଣା (୩୮) ଗତ ୯ ତାରିଖରେ ପରିବା ଆଣିବାକୁ ସାନ ବଜାରକୁ ଯାଇଥିଲେ। ସେଠାରେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କ ପିଛା ସୁଯୋଗ ଦେଖି ଧକ୍କା ମାରିବା ପରେ ମୋବାଇଲ ଲୁଟିଥିଲେ। ରମେଶ ଲୁଟେରାମାନଙ୍କ ଧରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ଘଟଣାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଗିରଫ କରିବାରେ ସଫଳ ହୋଇଛି।

## ବାର୍ ମାଲିକଙ୍କୁ ବନ୍ଧୁକ ଦେଖାଇ ମାଗିଲେ ଦାଦାବଟି

**ବ୍ରହ୍ମପୁର, ୧୦।୧(ସମିସ):** ଟାଟାବେଞ୍ଜ ଛକ ନିକଟରେ ଥିବା ଖାଣ୍ଟି ଓଡ଼ିଆ ହୋଟେଲ ଓ ଇଂଲିଶ କ୍ଲବ (ବାର) ମାଲିକଙ୍କୁ କିଛି ଦୁର୍ବୃତ୍ତ ଦାଦାବଟି ମାଗିଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କ ଖାଣ୍ଟି ଓଡ଼ିଆ ହୋଟେଲ ଓ ଇଂଗଲିସ୍ କ୍ଲବ ନାମରେ ଗୋଟିଏ (ବାର) ରହିଛି। ୮ ତାରିଖ ରାତି ସାଢ଼େ ୧୧ଟା ବେଳେ ଟିକିନା ପାତ୍ର ଓ ତାଙ୍କର କିଛି ସହଯୋଗୀ ତାଙ୍କ ହୋଟେଲ ଓ ବାର'ରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏପରିକି ବନ୍ଧୁକ ଦେଖାଇ ଦାଦାବଟି ବାବଦକୁ ମାସକୁ ମାସ ଟଙ୍କା ଦେବାକୁ ପଡ଼ିବ ବୋଲି ଧମକଚମକ ଦେଇଥିଲେ ବୋଲି ବିଷ୍ଣୁ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ମୁଖ୍ୟ ସଡ଼କ କଡ଼ରୁ ମାଛ ବେପାରୀଙ୍କୁ ହଟାଇଲା ପ୍ରଶାସନ

**ବୁଗୁଡ଼ା, ୧୦।୧(ସମିସ):** ସ୍ଥାନୀୟ ମଦନ ମୋହନ ଛକ ନିକଟସ୍ଥ ବିରଞ୍ଚି ନାରାୟଣ ମାର୍କେଟ କମ୍ପ୍ଲେକ୍ସ-୧ ସମ୍ମୁଖ ରାସ୍ତା କଡରେ ଦୀର୍ଘ ଦିନ ଧରି ବସି ଆସୁଥିବା ମାଛ ବେପାରୀଙ୍କୁ ପ୍ରଶାସନ ହଟାଇଛି। ସମ୍ପୃକ୍ତ ମାଛ ବେପାରୀମାନେ ଏନ୍‌ଏସି ପକ୍ଷରୁ ନିର୍ମିତ ମାଛ ଓ ମାଂସ ବିକ୍ରୟ କେନ୍ଦ୍ରର ଅବ୍ୟବସ୍ଥାକୁ ଦର୍ଶାଇ ରାସ୍ତା କଡରେ ବିକ୍ରିବଟା କରୁଥିବାରୁ ଅଯଥା ଟ୍ରାଫିକ୍ ସମସ୍ୟା ଦେଖାଯିବା ସାଙ୍ଗକୁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲା। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଉଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ କୋଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିଲା। ଏଭଳି ଅବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଅସନ୍ତୋଷ ତୀବ୍ରତର ହେବା ଏବଂ ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ପ୍ରଶାସନକୁ ସମାଲୋଚନାର ଶିକାର ହେବାକୁ ପଡୁଥିଲା। ତେବେ ଏନ୍‌ଏସି ପ୍ରଶାସନ ହଠାତ୍ ଚିହିଁଙ୍କ ଉଠି ପୁଲିସ ପ୍ରଶାସନର ସହାୟତାରେ ଶୁକ୍ରବାର ସମ୍ପୃକ୍ତ ମାଛ ବେପାରୀଙ୍କୁ ରାସ୍ତାକଡରୁ ହଟାଇ ମାଛ ଓ ମାଂସ ବିକ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲା। ତେବେ ବହୁ ବିଳମ୍ବରେ ହେଲେ ସୁଦ୍ଧା ଏନଏସି ପ୍ରଶାସନର ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

**ହତ୍ୟା ଉଦ୍ୟମ ମାମଲା**

# 'ଉମେଶ' ଗିରଫ; 'ମୋଗଲି' କେବେ !

**ବ୍ରହ୍ମପୁର, ୧୦।୧(ସମିସ):**

ସହରରେ ସକ୍ରିୟ ଦୁଇ କଟ୍ଟର ବିରୋଧୀ ଅପରାଧି 'ଉମେଶ' ଓ 'ମୋଗଲି'ଙ୍କ ଗୋଷ୍ଠୀ ମଧ୍ୟରେ ଲାଗି ରହିଛି ଛକାପଞ୍ଝା। କେତେବେଳେ ଉଭୟଙ୍କ ପକ୍ଷରୁ ଭାଇରାଲ ହେଉଥିବା ଭିଡିଓ ଓ ଅଡିଓକୁ ନେଇ ସହରରେ ବେଶ ଚର୍ଚ୍ଚା ମଧ୍ୟ ହେଉଛି। ସେପଟେ ଅପରାଧି ଗୋଷ୍ଠୀଙ୍କ ଏଭଳି କାରମାନା ପୁଲିସ ପାଇଁ ଚାଲେଞ୍ଜ ଯେତିକି ଚିନ୍ତାର କାରଣ ସେତିକି ହୋଇଛି। ଦିନ ଦ୍ୱିପହର ହେଉ କି ସର୍ବସମ୍ମୁଖରେ ହେଉ ଅପରାଧ ଘଟାଇ ଆଖିପୁଛୁଳାକେ ଫେରାର ହେବାରେ ସକ୍ଷମ ହେଉଛନ୍ତି ଉଭୟ ଗୋଷ୍ଠୀର ସଦସ୍ୟ। ବିଭିନ୍ନ ସମୟରେ ଗିରଫଦାରୀକୁ ଏଡାଇବାକୁ ଯାଇ ରାଜନେତାଙ୍କ ଶରଣ ପଶି ସେମାନେ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଓଲଟା ପୁଲିସ ଉପରେ ଚାପ ସୃଷ୍ଟି କରିବାରେ ମଧ୍ୟ ସକ୍ଷମ ହେଉଛନ୍ତି। ଏଭଳି ପରିସ୍ଥିତିରେ ଉଭୟ ଗୋଷ୍ଠୀ ପରସ୍ପର ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ। କେତେବେଳେ ଯେ କିଏ କାହା ଉପରେ ଆକ୍ରମଣ କରିବେ ତାହା କହିବା ମୁସକିଲ ହୋଇପଡ଼ିଛି। କାରଣ ନିକଟରେ ଉଭୟ ଗୋଷ୍ଠୀର କାର୍ଯ୍ୟକଳାପ ଓ ପରସ୍ପରକୁ ମୁକାବିଲା ପାଇଁ ଦିଆଯାଉଥିବା ଆହ୍ୱାନ ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ଏଭଳି ପରିସ୍ଥିତିରେ ଏକାଧିକ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତ ଉମେଶ ଚନ୍ଦ୍ର ରଥ ଓରଫ୍ 'ଉମେଶ'(୨୨)ଙ୍କୁ ଗଜପତିନଗର ଅଞ୍ଚଳରୁ ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗଜପତିନଗର ହନୁମାନ ମନ୍ଦିର ନିକଟରେ ସେପ୍ଟେମ୍ବର ୬ତାରିଖରେ ସନ୍ଧ୍ୟା ପ୍ରାୟ ସାଢେ ୫ଟା ସମୟରେ ନିଳାଦ୍ରୀବିହାର ନିବାସୀ ସୀମାନାଥ ନାୟକଙ୍କ ନାବାଳକ ନାତିକୁ ଖଣ୍ଡାରେ ଆକ୍ରମଣ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ପରଠାରୁ ଉମେଶ ଫେରାର ରହି ଏକାଧିକ ହତ୍ୟା ଉଦ୍ୟମ ଓ ହତ୍ୟା ଧମକ ଦେଇଥଇବା ଅଭିଯୋଗ ହୋଇଥିଲା। ସମସ୍ତ ଅଭିଯୋଗକୁ ଆଧାର କରି ପୁଲିସ ପୃଥକ ପୃଥକ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ଫେରାର ଥିବା ଉମେଶକୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି। ଏହି ଆକ୍ରମଣ ଘଟଣାରେ ଉମେଶଙ୍କର ଅନ୍ୟ ସହଯୋଗୀମାନଙ୍କର ସମ୍ପୃକ୍ତି ଥିବା ବେଳେ ସେମାନଙ୍କୁ ପୁଲିସ ଖୋଜୁଥିବା ଜଣାପଡ଼ିଛି। ସେପଟେ ଉମେଶଙ୍କ ଘର ନିକଟକୁ ଯାଇ ତାଙ୍କ ମା ଉର୍ମିଳା ରଥଙ୍କୁ ବୋମା ଓ ବନ୍ଧୁକ ଜରିଆରେ ଧମକାଇବା ଭଳି ଘଟଣାରେ ପ୍ରତିପକ୍ଷ 'ମୋଗଲି' ଓ ତାଙ୍କର ଅନ୍ୟ ସହଯୋଗୀ ମଧ୍ୟ ଫେରାର ଥିବା ଜଣାପଡ଼ିଛି। ଉମେଶଙ୍କ ଗିରଫଦାରି ପରେ ବର୍ତ୍ତମାନ ପୁଲିସର ନଜର ମୋଗଲି ଓ ତାଙ୍କ ସହଯୋଗୀଙ୍କ ଉପରେ। ସହରରେ ମୁଣ୍ଡ ଟେକୁଥିବା ଅପରାଧିକ ଗୋଷ୍ଠିଙ୍କୁ ଦମନ କରିବା ଦିଗରେ ପୁଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ରହିଛି ସମସ୍ତଙ୍କ ନଜର।



● **ଦୁଇ କଟ୍ଟର ବିରୋଧୀ ଅପରାଧିକ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଜାରି**

● **ଗିରଫଦାରୀକୁ ଏଡ଼ାଇବାକୁ ଯାଇ ରାଜନେତାଙ୍କ ଛତ୍ରଛାୟା ତଳେ ଅପରାଧୀ!**

## ପଲିଟେକ୍‌ନିକ ଛାତ୍ରଙ୍କୁ ଖଣ୍ଡାଚୋଟ: ୨ ଭାଇ ଗିରଫ

**ବ୍ରହ୍ମପୁର, ୧୦।୧(ସମିସ):** ବ୍ରହ୍ମପୁର ସରକାରୀ ପଲିଟେକ୍ନିକ୍ ଗେଟ୍ ନିକଟରେ ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଓ ଖଣ୍ଡାରେ ହାଣିବା ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦୁଇଭାଇ ହେଲେ ଲାଠି ଗୌଡ଼ ସାହିର ସାଇ କିସନ ଗୌଡ଼ ଓରଫ ସାଇ କିଶୋର ଗୌଡ଼(୧୯) ଓ ତାଙ୍କ ଭାଇ ସାଇ କିରଣ ଗୌଡ଼। କିଶୋର ଗୌଡ଼ ପଲିଟେକ୍ନିକ୍ ଅନୁଷ୍ଠାନର ପ୍ରଥମ ବର୍ଷ ଛତ୍ର। ସୂଚନାଯୋଗ୍ୟ ଯେ, ପୁରୀ କୋଣାର୍କ ଅଞ୍ଚଳ ନିବାସୀ ତଥା ବ୍ରହ୍ମପୁର ପଣ୍ଡା କଲୋନୀ ୨ୟ ସ୍ଥିତ ଏକ ହଷ୍ଟେଲରେ ରହୁଥିବା ଉକ୍ତ ଅନୁଷ୍ଠାନର ୨ୟ ବର୍ଷ ଛାତ୍ର ଆଶିଷ କୁମାର ମଲ୍ଲିକ(୨୦) ଗୁରୁବାର ସେମିଷ୍ଟାର ପରୀକ୍ଷା ଦେବାକୁ ଯାଇଥିଲେ। ସେଠାରେ ପ୍ରଥମ ବର୍ଷ ଛାତ୍ର ତଥା ଅଭିଯୁକ୍ତ ସାଇ କିଶୋର ଗୌଡ଼ ମଧ୍ୟ ପରୀକ୍ଷା ଦେବାକୁ ଯାଇଥିଲେ। ଉଭୟଙ୍କର ଇଂରେଜୀ ପେପରରେ ବ୍ୟାକ ରହିଥିଲା। ତେଣୁ ଉଭୟ ପରୀକ୍ଷା ଦେବାକୁ ଯାଇଥିଲେ। କପିକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟ ସାଇ କିଶୋର ତାଙ୍କ ଭାଇ ସାଇ କିରଣକୁ କଲେଜ ନିକଟକୁ ଡାକିଥିଲା। ପରେ ଉଭୟ ଭାଇ ଆଶିଷଙ୍କ ମୁଣ୍ଡ ଓ ହାତକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସେ ଆହତ ହୋଇଥିଲେ। ଘଟଣାକୁ ନେଇ କାହାରିକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଚିକିତ୍ସା ହୋଇଆସିବା ପରେ ଆଶିଷ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତ ଦୁଇଭାଇକୁ ଗିରଫ କରି ଶୁକ୍ରବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ତଦନ୍ତଅଧିକାରୀ ତଥା ଏସଆଇ ଦୀପ୍ତି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।





